ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଜୁଲାଇ , ୨୦୨୩



## ସଂକ୍ଷେପରେ

### ଓଲଟିଲା ଟ୍ରକ୍ ଡାଇଭର ମୃତ



ଟିକିରି, ୧୩।୭ (ପ୍ରଫୁଲ୍ଲ କୁମାର ବେହେରା)- କାଶୀପୁର ବ୍ଲକ ଅନ୍ତର୍ଗତ କାଳିଆପଡ଼ା ଘାଟି ନିକଟରେ ବୁଧବାର ରାତି ପ୍ରାୟ ୧୧ରେ ଏକ ଫ୍ଲାଏଆଶ୍ ଟ୍ରକ୍ ଓଲଟି ପଡ଼ିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ୨ ଜଣ ଗୁରୁତର ଆହତ ହେଇଥିବା ଜଣାପଡିଛି । ଟ୍ରକ୍‌ଟି ଉତ୍କଳ ଆଲୁମିନା କମ୍ପାନୀରୁ ଫ୍ଲାଏଆଶ୍ ଧରି ରାୟଗଡ଼ା ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ବାଉଣ୍ଡରି କାନ୍ଥକୁ ଧକ୍କା ଦେଇଥିଲା। ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ହେଲ୍‌ପର ଓ ଅନ୍ୟ ଜଣେ ଗୁରୁତରଙ୍କୁ ପ୍ରଥମେ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାୟଗଡ଼ା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଖବରପାଇ ଟିକିରି ପୋଲିସ ବିଜୟଲକ୍ଷ୍ମୀ ହିକକା ଏବଂ ମନୋଜ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଦୁର୍ଘଟଣା ପରେ ଉଭୟ ପାର୍ଶ୍ୱରେ ଗାଡିଗୁଡିକ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ରାସ୍ତାରୁ ଗାଡ଼ିକୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ, ଯୁବକ ଗିରଫ

ଜୟପୁର, ୧୩।୭ (ପବନ ପାଣିଗ୍ରାହୀ)- ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଜୟପୁର ସହର ଚିଲିଗୁଡାର ଆକାଶ ହରିଜନ(୧୯)। ଆକାଶ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ଅଭିଯୋଗର ତଦନ୍ତ କରି ଆକାଶଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି । ସମ୍ପୃକ୍ତା ନାବାଳିକାଙ୍କୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ସାପ ଧରାଳି ଗୁରୁତର

ପାପଡ଼ାହାଣ୍ଡି,୧୩।୭(ସ୍ୱପ୍ନଜିତ ପଟ୍ଟନାୟକ)-ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ାରେ ଗୁରୁବାର ଜଣେ ସାପ ଧରାଳି ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ହେଲେ ଭଗବାନ ଦିଶାରୀ। ତାଙ୍କୁ ଗୁରୁତର ଅବସ୍ଥାରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଦଳେଇଗୁଡ଼ାର ଗୋବିନ୍ଦ ଜୈନଙ୍କ ଘରେ ଅପରାହ୍ନରେ ସାପ ବାହାରିବା ଖବର ପାଇ ଭଗବାନ ସେଠାକୁ ଯାଇଥିଲେ। ସାପ ଟିକୁ ଧରି ଏକ ପ୍ଲାଷ୍ଟିକ ବୋତଲରେ ଭର୍ତ୍ତି କରିବା ସମୟରେ ସାପ ତାଙ୍କୁ କାମୁଡି ଦେଇଥିଲା। ସାପକୁ ଧରି ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ। ସେଠାରେ ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି।

# ସ୍କୁଲରୁ ନିଜେ ମେଡିକାଲ ଗଲେ ଛାତ୍ର

**ହଷ୍ଟେଲରେ ବ୍ୟାପୁଛି ଚର୍ମରୋଗ**

ରାୟଗଡ଼ା ୧୩।୭ (ଭାଗ୍ୟଶ୍ରୀ ମିଶ୍ର)

ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ସରକାର କୋଟି କୋଟି ଟଙ୍କା ବ୍ୟୟକରି ମାଗଣା ଖାଇବା, ରହିବାର ବ୍ୟବସ୍ଥା କରାଯାଇଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ବାସ୍ତବରେ ଏହାର ସୁଫଳ ପାଇପାରୁନାହାନ୍ତି କୁନିକୁନି ଛାତ୍ରୀଛାତ୍ର। ରାୟଗଡା ସହରରେ ଥିବା ଏକ ସରକାରୀ ବିଦ୍ୟାଳୟର ପ୍ରାୟ ୧୨ ଜଣ ଛାତ୍ର କାଛୁକୁଣ୍ଡିଆରେ ଆକାନ୍ତ ହୋଇ ଏକା ଏକା ସ୍କୁଲରୁ ଚାଲି ଚାଲି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଡାକ୍ତରଙ୍କୁ ଦେଖାଇଥିଲେ। ଏହା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ ବିଦ୍ୟାଳୟର ନିୟମ ଅନୁଯାୟୀ, ହଷ୍ଟେଲରେ ରହୁଥିବା ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେ ସେମାନଙ୍କ ସହ ୱାର୍ଡେନ କିମ୍ବା ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀ ପିଲାଙ୍କୁ ହସ୍ପିଟାଲ ନେଇକି ଯିବା କଥା। କିନ୍ତୁ ସେମାନଙ୍କ ସାଙ୍ଗରେ ନା ଥିଲେ ଅଭିଭାବକ, ନା ଥିଲେ ହଷ୍ଟେଲ କର୍ତ୍ତୃପକ୍ଷ କିମ୍ବା ବିଦ୍ୟାଳୟର କର୍ତ୍ତୃପକ୍ଷ। ଫଳରେ ପିଲାମାନଙ୍କ ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଗୋପବନ୍ଧୁ ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ସାଇପ୍ରିୟା ନଗରଠାରେ ଥିବା ଏକ ସରକାରୀ ଘରୋଇ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ତେବେ ଗତ ସପ୍ତାହେ ହେଲା ସେମାନଙ୍କ ମଧ୍ୟରୁ ବହୁ ଛାତ୍ର କାଛୁକୁଣ୍ଡିଆରେ ଆକ୍ରାନ୍ତ ହୋଇଛନ୍ତି। ଏ ବିଷୟରେ ସେମାନେ ଅନେକ ଥର ଦାୟିତ୍ୱରେ ଥିବା ୱାର୍ଡେନକୁ କହିଥିଲେ ମଧ୍ୟ ନିଜେ ଯାଇ ମେଡିକାଲରେ ଦେଖାଅ ବୋଲି ହଷ୍ଟେଲ କର୍ତ୍ତୃପକ୍ଷ କହିଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଫଳରେ ବାଧ୍ୟ ହୋଇ ଛାତ୍ରମାନେ ସ୍କୁଲ ଚାଲିଥିବା ସମୟରେ କ୍ଲାସ୍ ନ କରି ମେଡିକାଲକୁ ଆସି ଟିକେଟ କାଉଣ୍ଟରରେ ଟିକେଟ କାଟୁଥିବା ଦେଖିବାକୁ ମିଳିଥିଲା। ମେଡିକାଲକୁ ଆସିଥିବା ଛାତ୍ରମାନେ ହେଲେ ସିଲଟିଗୁଡ଼ାର ଅମିତ ପେରୁବାକା, ଚନ୍ଦନ ମଲିକ, ମୁନିଗୁଡାର ବାଟା ଗୁଡାର, ଶ୍ରାବଣ ମଲିକ, ମଣ୍ଟୁ ବ୍ରେକ ବେଡ଼କା, ସୌମ୍ୟରଞ୍ଜନ ମଲିକ, ଆମନ ମଲିକ, ରାଜେଶ ତ୍ରାଟକା ଅର୍ଜୁନ ମାଝି। ଏମାନଙ୍କ ବୟସ ୧୦ରୁ ୧୫ ବର୍ଷ ଭିତରେ ବୋଲି ଜଣାପଡ଼ିଛି। ପିଲାମାନେ ପ୍ରତିଦିନ ହଷ୍ଟେଲରୁ ଦୀର୍ଘ ୬ କି.ମି. ଚାଲିକି ସ୍କୁଲକୁ ଯିବାଆସିବା କରିଥାନ୍ତି। ଏତେଦୂର ଚାଲିକି ଯିବାକୁ ପଡୁଥିଲେ ମଧ୍ୟ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୁବିଧା କରାଯାଇ ନାହିଁ। ତେବେ ବିଦ୍ୟାଳୟରୁ



ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଛାତ୍ର।

### ହଷ୍ଟେଲ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା

ଛାତ୍ରମାନେ ମେଡିକାଲକୁ ଚାଲିକି ଯାଇଥିବା ବିଷୟରେ ଗୋପବନ୍ଧୁ ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ବିଡ଼ିକାଙ୍କୁ ପଚାରିବାରୁ ଆମ ପାଖରେ ଏହି ପିଲାମାନେ ପାଠ ପଢ଼ନ୍ତି। ତେବେ ସେମାନେ କେଉଁ ହଷ୍ଟେଲରେ ରହୁଛନ୍ତି, ଆଉ କେଉଁ ସମୟରେ ସେମାନେ ମେଡିକାଲ ଯାଇଛନ୍ତି ଆମେ ଜାଣିନାହୁଁ । ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ବିଷୟରେ ମଧ୍ୟ ଆମେ ଅବଗତ ନାହୁଁ ବୋଲି କହିଥିଲେ। ତେବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ, କେଉଁ କାରଣରୁ ପିଲାମାନେ କ୍ଲାସ୍ ସମୟରେ ବାହାରକୁ ଗଲେ ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଉଚିତ ଜବାବ ମଗାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ପିଲାମାନେ କେଉଁ ହଷ୍ଟେଲରେ ରହି ପାଠପଢୁଛନ୍ତି ତାହା ପ୍ରଧାନ ଶିକ୍ଷୟିତ୍ରୀଙ୍କ ପାଖରେ କିପରି ଖବର ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ପିଲାମାନେ ହଷ୍ଟେଲରୁ ଆସି କ୍ଲାସ୍‌ରେ ଉପସ୍ଥିତ ରହୁଛନ୍ତି ନା ନାହିଁ, ହଷ୍ଟେଲ କର୍ତ୍ତୃପକ୍ଷ ହୁଅନ୍ତୁ କି ଶିକ୍ଷକ କିମ୍ବା ଅଭିଭାବକ ଧ୍ୟାନଦେବା ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ କହିଛନ୍ତି।

# କାରଣ ଦର୍ଶାଅ ନୋଟିସ ଜାରିକଲା ଶିକ୍ଷା ବିଭାଗ

ରାୟଗଡ଼ା,୧୩।୭ (ଆଶିଷ ରଞ୍ଜନ ପଣ୍ଡା)

**ଶିକ୍ଷକଙ୍କ ସ୍ତ୍ରୀ ନିର୍ଯାତନା ମାମଲା**

କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ ନାୟକଙ୍କ ପରକୀୟା ପ୍ରୀତି ଏବଂ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ନେଇ ବିଷ୍ଣୁପ୍ରିୟା ନାୟକ ଜିଲାପାଳ ଓ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହି ଖବର ସୋସିଆଲ ମିଡିଆ ଓ ଥାନା ମାଧ୍ୟମରେ ଜାଣିବା ପରେ ଜିଲା ଶିକ୍ଷା ବିଭାଗ ଶିକ୍ଷକ ପ୍ରଶାନ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି । ଜିଲା ଶିକ୍ଷା ବିଭାଗର ଚିଠି ନଂ. ୪୯୫୪/୧୧.୦୭.୨୩ ଅନୁସାରେ ଜଣେ ସରକାରୀ କର୍ମଚାରୀ ହେବା ସହିତ ଶିକ୍ଷକତା ଭଳି ମହତ୍ୱପୂର୍ଣ୍ଣ ଦାୟିତ୍ୱରେ ଥାଇ ଏଭଳି ଅନୈତିକ କାର୍ଯ୍ୟ କରିବା ଦ୍ୱାରା ନିଜର ନୈତିକତା ହରାଇବା ସହ ସେ ଓସିଏସ୍ (ସିସି ଏବଂ ଏ)-୧୯୬୨ ନିୟମର ଖିଲାପ କରିଛନ୍ତି। ତେଣୁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ କାରଣ ଜଣାଇବାକୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି, ପ୍ରଶାନ୍ତ ନାୟକ ଜିଲାସ୍ତରୀୟ ଜଣେ ମହିଳା ଅଧିକାରୀଙ୍କ ସହ ପରକୀୟା ପ୍ରୀତିରେ ପଡ଼ି ନିଜ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ । ଏ ନେଇ ଏପ୍ରିଲରେ ମହିଳା ସହାୟକ ସଂସ୍ଥା ୱାନ୍ ଷ୍ଟପ୍ ସଲ୍ୟୁଶନ ସେଣ୍ଟରଠାରେ ଆପୋସ ବୁଝାମଣା ହୋଇଥିଲା । ଏହାପରେ ମଧ୍ୟ ପ୍ରଶାନ୍ତ ଓ ତାଙ୍କ ମା' ଭାରତୀ ଏବଂ ଜଣେ ମହିଳା ଅଧିକାରୀ ବାରମ୍ବାର ବିଷ୍ଣୁପ୍ରିୟାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ବିଷ୍ଣୁପ୍ରିୟା ଅଭିଯୋଗ କରିଥିଲେ । ଏପରିକି ଗତ ସୋମବାର ବିଷ୍ଣୁପ୍ରିୟା ମନ୍ଦିର ଯାଇ ଫେରିବା ବେଳେ ଘର ସମ୍ମୁଖରେ ଥିବା ଗେଟ୍‌ରେ ତାଲା ପକାଇ ଦେଇଥିଲେ ଶାଶୁ ଭାରତୀ । ବିଷ୍ଣୁପ୍ରିୟା ବାରମ୍ବାର ନେହୁରା ହୋଇଥିଲେ ମଧ୍ୟ କେହି ଶୁଣି ନ ଥିଲେ । ଫଳରେ ବିଷ୍ଣୁପ୍ରିୟା ପ୍ରଥମେ ସଖୀ ଏବଂ ପରେ ରାୟଗଡ଼ା ଟାଉନ ଥାନା ସମେତ ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଓ ଏସ୍‌ପିଙ୍କ ହସ୍ତକ୍ଷେପ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ସମାଧାନ କରିଥିଲା । ବୁଧବାର ପ୍ରଶାନ୍ତ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କୁ ଘରକୁ ନେବା ସହ ଏହି ଘଟଣାର ପୁନରାବୃତ୍ତି ନ କରିବାକୁ ପୋଲିସକୁ ଲିଖିତ ଭାବେ ଦେଇଥିବା ଜଣାପଡ଼ିଛି ।

# ଆଜିଠାରୁ କଳାବ୍ୟାଜ୍ ପିନ୍ଧିବେ ଗ୍ରାମ୍ୟ କୃଷି କର୍ମଚାରୀ

ରାୟଗଡ଼ା,୧୩।୭(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ତରଫରୁ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ । ରାଜ୍ୟ ସଂଘ ସାଧାରଣ ପରିଷଦ ବୈଠକ ନିଷ୍ପତ୍ତିକ୍ରମେ କର୍ମଚାରୀଙ୍କ ଦାବି ପୂରଣ ନ ହେଲେ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ସଂଘର ସମସ୍ତ କର୍ମକର୍ତ୍ତା କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇବେ ବୋଲି କହିଛନ୍ତି। ଏଥିସହ ଅଗଷ୍ଟ ୧ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

ପ୍ରକାଶ ଥାଉକି, ଗ୍ରାମ୍ୟ କୃଷି କର୍ମଚାରୀ ପଦବୀର ନାମ ପରିବର୍ତ୍ତନ କରି କୃଷି ସମ୍ପ୍ରସାରଣ ଅଧିକାରୀ, ଗ୍ରେଡ଼ ପେ ୨୦୦୦ରୁ ୪୨୦୦ ଟଙ୍କା ଲାଗୁ କରିବା, କାର୍ଯ୍ୟକାଳ ସମୟରେ ୩ ରୁ ୪ ଥର ପଦୋନ୍ନତି, କ୍ୟାଡ଼ର ନିୟମର ପୁର୍ନଗଠନ, ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉଠିବା ପରେ ୨୦୧୩ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ୬ ବର୍ଷ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଗଣନା କରି ୬ ଟି ଇନକ୍ରିମେଣ୍ଟ ପ୍ରଦାନ କରିବା ଏବଂ ପଞ୍ଚାୟତ, ବ୍ଲକସ୍ତରରେ କାର୍ଯ୍ୟାଳୟ ସହ କମ୍ପ୍ୟୁଟର ଓ ମୋବାଇଲ ଚାର୍ଜ ଖର୍ଚ୍ଚ ପ୍ରଦାନ କରିବା ଆଦି ଦାବି ରାଜ୍ୟ ସଂଘ ବୈଠକରେ ନିଷ୍ପତି ହୋଇଛି ।



ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ପଞ୍ଚାୟତକୁ ଦେବାକୁ ଦାବି

ଜୟପୁର, ୧୩।୭ (ପବନ ପାଣିଗ୍ରାହୀ)

ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ପଞ୍ଚାୟତକୁ ଦେବାକୁ ଉପଜିଲାପାଳଙ୍କ ନିକଟରେ ଦାବି ହୋଇଛି । ଏନେଇ ସାମାଜିକ କର୍ମୀ ବି.ହରି ରାଓ ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ପଞ୍ଚାୟତକୁ ଦେଲେ ଗ୍ରାମବାସୀ ଉପକୃତ ହେବେ। ଏଥିସହ ଏହା ଦୀର୍ଘସ୍ଥାୟୀ ହୋଇପାରିବ। ବାହାର ଠିକାଦାର କାର୍ଯ୍ୟ ଦାୟିତ୍ୱ ନେଲେ ନିମ୍ନମାନର କାର୍ଯ୍ୟ କରୁଛନ୍ତି। କେତେକ କ୍ଷେତ୍ରରେ କାର୍ଯ୍ୟ ଅଧା ରଖି ଚାଲିଯାଉଛନ୍ତି। ପଞ୍ଚାୟତ ଅଧୀନରେ କାର୍ଯ୍ୟ ହେଲେ ଏହା ସହଜରେ ହୋଇପାରିବ। ଗ୍ରାମବାସୀ ମଧ୍ୟ କାର୍ଯ୍ୟକୁ ତଦାରଖ କରିବାର ସୁଯୋଗ ପାଇବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

# ମରାମତି ନାଁରେ ଖୋଳିଦେଲେ ଖେଳପଡ଼ିଆ

ବିଷମ କଟକ , ୧୩।୭ (ବିଭୂତି ଭୂଷଣ ନାୟକ)

**ବିଡିଓଙ୍କ ନିକଟରେ ଖବର ନାହିଁ**



ପାଠପଢ଼ା ସହ କ୍ରୀଡ଼ାର ବିକାଶ ପାଇଁ ସବୁ ବିଦ୍ୟାଳୟ ଏବଂ କଲେଜରେ ଖେଳପଡ଼ିଆ ରହିଛି। ଖେଳ ପଡିଆ ଉନ୍ନତୀକରଣ ପାଇଁ ସରକାରଙ୍କ ପକ୍ଷରୁ ବହୁ ଅର୍ଥ ମଧ୍ୟ ମଞ୍ଜୁର କରାଯାଉଛି। ହେଲେ ବିଷମକଟକ ମା' ମାର୍କମା ମହାବିଦ୍ୟାଳୟରେ ଥିବା ଖେଳ ପଡିଆର ମରାମତି ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଖୋଳି ଛାଡି ଦିଆଯାଇଛି। ମାଟି ଖୋଳିବାର ପ୍ରାୟ ୪ ମାସ ବିତି ଯାଇଥିଲେ ମଧ୍ୟ ଏହା ମରାମତି କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ କଲେଜ ଛାତ୍ରୀଛାତ୍ର ଓ ଏହି ପଡିଆ ଉପରେ ନିର୍ଭର କରୁଥିବା ଛୋଟ ବଡ଼ ଅନୁଷ୍ଠାନର ପିଲାମାନେ ବିଭିନ୍ନ ଖେଳରୁ ବଞ୍ଚିତ ହେଉଛନ୍ତି। ଖେଳପଡିଆର କାମ ସମ୍ପୂର୍ଣ୍ଣ କରିବା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପଟ୍ଟନାୟକ ବାରମ୍ବାର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେ ମହାବିଦ୍ୟାଳୟର ପଡିଆ କାମ ବିଷୟରେ ଜାଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଜେ ଯାଇ ଏହି କାମ ବିଷୟରେ +୨ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ ଓ କିଭଳି କାମ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିବା କଲେଜ ଅଧ୍ୟକ୍ଷ କହିଛନ୍ତି। ଏ ସମ୍ପର୍କରେ ମହା ବିଦ୍ୟାଳୟ ଅଧ୍ୟକ୍ଷ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଆମ ଅନୁଷ୍ଠାନର ବିନା ଅନୁମତିରେ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ଅଧା କାମ ପରେ ଠିକାଦାର ଛାଡି ଦେଇଛନ୍ତି । ଆଗକୁ ଅଗଷ୍ଟ ୧୫ ଆସୁଥିବାରୁ ଏହି ମାସ ମଧ୍ୟରେ ସମ୍ପୂର୍ଣ୍ଣ ନ କଲେ ବାଧ୍ୟ ହୋଇ ଜିଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ମାସରେ ୫-ଟି ସଚିବଙ୍କ ବିଷମକଟକ ଗସ୍ତ ସମୟରେ ମିନିଷ୍ଟାଡିୟମ ମରାମତି କରାଯାଇଥିଲା । କିନ୍ତୁ ଏହି କାମ ତରବରିଆ ଭାବେ କରା ଯାଇଥିବାରୁ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି।

# ରିଫାଇନେରି ପ୍ଲାଣ୍ଟ ପ୍ରତିଷ୍ଠା ନେଇ ଆଲୋଚନା

ଟିକିରି, ୧୩।୭ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ପୋଡ଼ାପାଡ଼ି ପଞ୍ଚାୟତ କଂସାରିଗୁଡାଠାରେ ରିଫାଇନେରି ପ୍ଲାଣ୍ଟ ନିର୍ମାଣକୁ ନେଇ ଗୁରୁବାର କଂସାରିଗୁଡା ଆଞ୍ଚଳିକ ବିକାଶ ପରିଷଦ କମିଟି ସହ ଉତ୍କଳ ଆଲୁମିନାର ୟୁନିଟ୍ ହେଡ୍ ମଜହର ବେଗଙ୍କ ସହ ଆଲୋଚନା ହୋଇଛି। ବର୍ତ୍ତମାନ ରାସ୍ତା ଆଉ ବିଭିନ୍ନ କାମ ଉପରେ ସର୍ଭେ ଚାଲିଛି। କିଛିଦିନ ଭିତରେ ବିଭିନ୍ନ ସ୍ଥାନରେ ରାସ୍ତା କାମ ହେବ ବୋଲି କୁହାଯାଇଥିଲା। ସେହିପରି ମାଟ୍ରିକ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା କରାଯିବ ବୋଲି କମ୍ପାନୀର ୟୁନିଟ୍ ହେଡ୍ ବେଗ କହିଛନ୍ତି। ଏବେ ସିଏସ୍‌ଆର୍ ତରଫରୁ କାମ ଆରମ୍ଭ ହେବ ବୋଲି କହିଥିଲେ। ଆଞ୍ଚଳିକ ବିକାଶ ପରିଷଦ ସ୍ଥାନୀୟ ସମସ୍ୟା ଉପରେ ବହୁବାର ଦୃଷ୍ଟି ଆକର୍ଷଣ କରିବା ପରେ କମ୍ପାନୀ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ କରିଥିଲେ। ବୈଠକରେ ବିକାଶ ପରିଷଦ କଂସାରିଗୁଡା ସଭାପତି ଡଉଲ ରତ୍ନ ଚୌଧୁରୀ, ସଞ୍ଜି ବାଘ, ରାଜେନ୍ଦ୍ର ଦୁରିଆ, ନିରାକାର ବାଘ, ଜ୍ୟୋତି ଚୌଧୁରୀ, ରାଘବ ନାଏକ, ସୁଦର୍ଶନ ବାଘ, ବିଜୁ ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।



ବୈଠକରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଞ୍ଚଳିକ ବିକାଶ ପରିଷଦର କର୍ମକର୍ତ୍ତା।

# ଭାଜପାର ଜନସମ୍ପର୍କ କାର୍ଯ୍ୟକ୍ରମ

ମୁନିଗୁଡ଼ା,୧୩।୭ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ମଣ୍ଡଳ ଭାଜପା ତରଫରୁ ଶିବପଦର ପଞ୍ଚାୟତର ହାତୀପଦର ଗାଁରେ ଗୁରୁବାରଠାରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଣ୍ଡଳ ସଭାପତି ଜଗା ଶବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମୋର୍ଚ୍ଚା ଉପ ସଭାପତି ରାମଚନ୍ଦ୍ର ବେହେରା, ଜିଲା ଉପ ସଭାପତି ରାମକୃଷ୍ଣ ପଣ୍ଡା, ଜିଲା ସମ୍ପାଦିକା ସୁଶୀଳା ସରାଫ, ଭାଜପା ନେତ୍ରୀ ରୁନୁ ସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭାଜପା ନେତା ଓ କର୍ମୀ ହାତୀପଦର ଗ୍ରାମରେ ଘର ଘର ବୁଲି କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଯୋଜନା ଓ ବିଶେଷକରି ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ନେତୃତ୍ୱ, ତାଙ୍କ ୯ବର୍ଷ ଶାସନ ବ୍ୟବସ୍ଥାରେ ଦେଶରେ ଅର୍ଥନୈତିକ ଅଭିବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ ଓ ଅର୍ଥନୀତି କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଦେଖାଦେଇଥିବା ଲୋକଙ୍କୁ ବୁଝାଇଥିଲେ। ୨୦୨୪ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟରେ ଭାଜପାର ସାଥ୍ ଦେବାକୁ ନେତାମାନେ ଲୋକଙ୍କୁ ବୁଝାଉଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ଭାଜପା ସହିତ ସାଧାରଣ ଲୋକଙ୍କୁ ଯୋଡ଼ିବା ଓ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ଏବଂ ଜନ କଲ୍ୟାଣକାରୀ ଯୋଜନା ଉପରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ଦଳର ଲକ୍ଷ୍ୟ ବୋଲି ନେତାମାନେ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ବୀରଭଦ୍ର ଆଚାରୀ, ମଣ୍ଡଳ ଯୁବମୋର୍ଚ୍ଚା ସମ୍ପାଦକ ଗରିବ ଗରଡ଼ିଆ, ଆଲିବାନ ବାଗ, ପ୍ରଫୁଲ୍ଲ ପୂଜାରୀ, ଜଗଦୀଶ ବେହେରା, ପୂର୍ଣ୍ଣଚନ୍ଦ୍ର ପିଡ଼ିକାକା, ଭବାନୀ କାଶୀ ପ୍ରମୁଖ ଉପସ୍ଥିତ ଥିଲେ।

# କାଶୀନଗରରେ ରହିବ ରାଜ୍ୟରାଣୀ ଏକ୍ସପ୍ରେସ୍

ଗୁଣପୁର,୧୩।୭ (ପ୍ରଦୀପ କୁମାର ପାଢ଼ୀ)

**ଗୁଣପୁର-ବିଶାଖାପାଟଣା ଏକ୍ସପ୍ରେସରେ ଏସି, ସ୍ଲିପର ବଗି ସଂଯୋଗ ଦାବି**

ରାଉରକେଲା-ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ କାଶୀଗନରଠାରେ ରହିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବାବେଳେ ଖୁବଶୀଘ୍ର ଏହା ପୂରଣ ହେବାକୁ ଯାଉଛି। ରେଳ ବିଭାଗ ପକ୍ଷରୁ ଏ ନେଇ ପୂର୍ବତଟ ରେଳପଥର ମହା ପ୍ରବନ୍ଧକ ଉଦ୍ଦେଶ୍ୟରେ ଚିଠି କରି ଏହି ସୁବିଧା ଯୋଗାଇ ଦେବାକୁ ଉଲ୍ଲେଖ କରାଯାଇଛି। ସେଠାରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ହେବା ପରେ ଏହି ଟ୍ରେନ ରହଣି କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡିଛି।

ସେହିଭଳି ଗୁଣପୁର- ବିଶାଖାପାଟଣା ଏକ୍ସପ୍ରେସ ଟ୍ରେନରେ ଅଧିକା ବଗି ସଂଯୋଗ କରାଯିବା ପାଇଁ ଦାବି ହୋଇଛି। ଆନ୍ଧ୍ର -ଓଡିଶା ରେଳ ବ୍ୟବହାରୀ ସଂଘର ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା ଏ ନେଇ ଗୁରୁବାର ଏକ ଦାବିପତ୍ର ବିଶାଖାପାଟଣା ଡିଆରଏମଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି। ଗୋଟିଏ ଲେଖାଏଁ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଏସି ଏବଂ ଦୁଇଟି ସ୍ଲିପର ବଗି ସଂଯୋଗ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହି ଅଞ୍ଚଳକୁ ଏକମାତ୍ର ଏହି ଟ୍ରେନ ଯାତ୍ରା କରୁଥିବାରୁ ଟ୍ରେନ ଉପରେ ବହୁସଂଖ୍ୟାରେ ଯାତ୍ରୀ ନିର୍ଭର କରୁଛନ୍ତି। ସ୍ୱାସ୍ଥ୍ୟଗତ କାରଣ ହେଉ କି ଶିକ୍ଷା, ବାଣିଜ୍ୟ, ତୀର୍ଥଯାତ୍ରା, ଉଡାଜାହାଜରେ କିମ୍ବା ବନ୍ଦରକୁ ଯିବାକୁ ହେଉ ଏପରି ଅନେକ କାରଣରୁ ଏହି ଟ୍ରେନ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। ଏଥିପାଇଁ ବହୁ ଭିଆଇପି ଯାତ୍ରୀମାନଙ୍କୁ ଏହି ଟ୍ରେନରେ ବିଶାଖାପାଟଣା ଯିବାକୁ ପଡୁଛି। ଏସି ଏବଂ ସ୍ଲିପର ବଗି ନ ଥିବାରୁ ଯାତ୍ରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ତ କାରଣ ସହ ଯାତ୍ରୀମାନଙ୍କ ସୁବିଧା ଏବଂ ରେଳ ବିଭାଗର ରାଜସ୍ୱ ବୃଦ୍ଧି ପାଇଁ ଗୁଣପୁର ବିଶାଖାପାଟଣା ଏକ୍ସପ୍ରେସରେ ଏସି ଏବଂ ସ୍ଲିପର ବଗି ଲଗାଯିବାର ବ୍ୟବସ୍ଥା କରାଯାଉ ବୋଲି ଦାବି ହୋଇଛି।




ଗୁଣପୁର-ବିଶାଖାପାଟଣା ଟ୍ରେନ୍।

# ବର୍ଷାଦିନେ ଘର ନିର୍ମାଣ କାର୍ଯ୍ୟାଦେଶ

ମୁନିଗୁଡ଼ା,୧୩।୭ (ରାଧେଶ୍ୟାମ ଅଗ୍ରୱାଲ)

- ଚିନ୍ତାରେ ଆବାସ ଯୋଜନା ହିତାଧିକାରୀ
- ଘର ନିର୍ମାଣ ପାଇଁ ଆଉ ୪ ମାସ ସମୟ ଦିଆଯିବାକୁ ଦାବି

୨୦୧୭-୧୮ ଆର୍ଥିକ ବର୍ଷରୁ ଅପେକ୍ଷାରେ ଥିବା ଗୃହହୀନଙ୍କୁ ଆବାସ ଯୋଜନା ଅଧୀନରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଛି। ହେଲେ ବର୍ଷାଦିନେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିବାରୁ ମୁନିଗୁଡ଼ାର ୧୭ଟି ପଞ୍ଚାୟତର ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ୩୧୨୨ ହିତାଧିକାରୀ ଅନିଶ୍ଚିତତା ମଧ୍ୟରେ ଦିନ ବିତାଉଛନ୍ତି। ଏହି କାର୍ଯ୍ୟାଦେଶ ଯଦି ୨ ମାସ ପୂର୍ବରୁ ମିଳିଥାନ୍ତା ତେବେ ଅନେକ ଉପକୃତ ହୋଇପାରିଥାନ୍ତେ ବୋଲି ବହୁ ହିତାଧିକାରୀ କହିଛନ୍ତି।

ଗରିବ ଦିନ ମଜୁରିଆ, ଯେଉଁମାନଙ୍କର ସାମାନ୍ୟ ଘରଡିହଟିଏ ନାହିଁ, ବର୍ଷାଦିନେ ପଲିଥିନ ତଳେ ମୁଣ୍ଡ ଗୁଞ୍ଜିବାକୁ ପଡୁଛି ଏହି ବର୍ଷାରେ ଘର କିପରି ନିର୍ମାଣ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ବର୍ଷାଦିନେ ଘର ନିର୍ମାଣ ପାଇଁ କଞ୍ଚାମାଲର ଅଭାବ ଦେଖାଦେଇଥାଏ। ମାସକ ପୂର୍ବରୁ ବାଲି ଟ୍ରାକ୍ଟର ପିଛା ୧୫୦୦ ଟଙ୍କା ଥିଲା, ଏବେ ନଦୀରେ ପାଣି ଆସିବାରୁ ବାଲି ଟ୍ରାକ୍ଟର ପିଛା ୨୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ଇଟା ଓ ଚିପ୍ସ ଦର ମଧ୍ୟ ଆକାଶଛୁଆଁ। ଏପରିସ୍ଥଳେ ଗରିବ ଗୃହହୀନଙ୍କୁ ସରକାର କିପରି ବର୍ଷାଋତୁରେ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବାଣ୍ଟୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ଯଦି ୪ ମାସରେ ଘରକାମ ସମ୍ପୂର୍ଣ୍ଣ କରିଦିଅନ୍ତି ତେବେ ୨୦ ହଜାର ଟଙ୍କା ଅଧିକ ପାଇବେ। ଆଉ ଯଦି ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରନ୍ତି ତେବେ ୧୦ ହଜାର ସହାନୁଭୂତି ରାଶି ପାଇବେ। ହେଲେ ଏବେ ବର୍ଷାଦିନେ ଘର ନିର୍ମାଣ ସାମଗ୍ରୀ ପାଇଁ ଗୋଟିଏ ପଟେ ସାହୁକାର ଦାଉ ସାଧୁଥିବା ବେଳେ ଅନ୍ୟପଟେ ଏବେ ଚାଷବାସ ଆରମ୍ଭ ହୋଇଯାଇଥିବାରୁ ସେମାନଙ୍କୁ ୪ ମାସ ଫୁର୍ସତ ମିଳିବ ନାହିଁ। ୪ ମାସ ପରେ ଘରକାମ ଆରମ୍ଭ କଲେ ଅତିରିକ୍ତ ୨୦ ହଜାର ଟଙ୍କା ସେମାନଙ୍କୁ ମିଳିବ ନାହିଁ। ଏଣୁ କାର୍ଯ୍ୟାଦେଶ ମିଳିଥିବା ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ ଅତିରିକ୍ତ ୪ ମାସ ସମୟ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ଫଳରେ ସେମାନେ ନିଜେ ପରିଶ୍ରମକରି ଘର କରିବା ସହ ଅତିରିକ୍ତ ୨୦ହଜାର ଟଙ୍କା ଲାଭ ପାଇପାରିବେ ବୋଲି କହିଛନ୍ତି।

ଏ ସମ୍ପର୍କରେ ମୁନିଗୁଡ଼ା ବିଡିଓ ପ୍ରୀତମ କୁମାର ତନ୍ତୀଙ୍କୁ ପଚାରିବାରୁ, ବ୍ଲକ୍‌ର ୧୭ ପଞ୍ଚାୟତର ପାଖାପାଖି ୧୦ ହଜାର ଆବେଦନକାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩୬୨୩ ହିତାଧିକାରୀଙ୍କୁ ପଞ୍ଜୀକରଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୩୧୨୨ ହିତାଧିକାରୀଙ୍କ ନାମ ଯୋଗ୍ୟ ବିବେଚନା କରାଯାଇଥିବାବେଳେ ୨୨୬୭ ଜଣଙ୍କୁ ଆଜି ସୁଦ୍ଧା କାର୍ଯ୍ୟାଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି। ବିଳମ୍ବରେ କାର୍ଯ୍ୟାଦେଶ ମିଳିବା ସମ୍ପର୍କରେ ପଚାରିବାରୁ ଏହା ବ୍ଲକର କାର୍ଯ୍ୟ ପରିସରଭୁକ୍ତ ନୁହେଁ। ଏସବୁ ରାଜ୍ୟ ସରକାରଙ୍କ ବିଭାଗୀୟ କାର୍ଯ୍ୟାଳୟ ତରଫରୁ ଅନ୍‌ଲାଇନ ମାଧ୍ୟମରେ ହୋଇଥାଏ। ସେହିପରି ମୁନିଗୁଡ଼ା ପଞ୍ଚାୟତର ୫୧୮ ଆବେଦନକାରୀଙ୍କ ମଧ୍ୟରୁ ୪୬୧ ଜଣଙ୍କ ନାମ ପଞ୍ଜୀକୃତ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୬୨ ଜଣଙ୍କ ନାଁରେ ଘର ନିର୍ମାଣ ପାଇଁ ଆଦେଶ ଆସିଛି। ସେଥିମଧ୍ୟରୁ ଘରଡିହ ଥିବା ୧୭୦ଜଣଙ୍କୁ ଅଦ୍ୟାବଧି କାର୍ଯ୍ୟାଦେଶ ଦିଆସରିଲାଣି। ଅନ୍ୟ ୯୨ଜଣଙ୍କ ମଧ୍ୟରୁ ୨୭ଜଣଙ୍କୁ ଘରଡିହ ପାଇଁ ଜମି ଯୋଗାଇଦେବାକୁ ତହସିଲଦାର ଓ ଆର୍‌ଆଇଙ୍କ ସହ ବିଡିଓଙ୍କ କଥାବାର୍ତ୍ତା ସରିଯାଇଛି। ପରେ ଅନ୍ୟମାନଙ୍କ ପାଇଁ ମଧ୍ୟ ଘରଡିହ ଜମି ବ୍ୟବସ୍ଥା କରାଯିବ ବୋଲି ମୁନିଗୁଡ଼ା ପଞ୍ଚାୟତ ପିଇଓ କୈଳାସ ଚନ୍ଦ୍ର ପାତ୍ର କହିଛନ୍ତି।



ଭଙ୍ଗାଘରେ ବିତୁଛି ଜୀବନ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଧରାଳି ଗୁରୁତର



ପାପଡ଼ାହାଣ୍ଡି,୧୩।୭(ସ୍ୱପ୍ନଜିତ ପଟ୍ଟନାୟକ) ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଲେଇଗୁଡ଼ାରେ ଗୁରୁବାର ଜଣେ ସାପ ଧରାଳି ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ହେଲେ ଭଗବାନ ଦିଶାରୀ। ତାଙ୍କୁ ଗୁରୁତର ଅବସ୍ଥାରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଦଲେଇଗୁଡ଼ାର ଗୋବିନ୍ଦ ଜୈନଙ୍କ ଘରେ ଅପରାହ୍ନରେ ସାପ ବାହାରିବା ଖବର ପାଇ ଭଗବାନ ସେଠାକୁ ଯାଇଥିଲେ। ସାପ ଟିକୁ ଧରି ଏକ ପ୍ଲାଷ୍ଟିକ ବୋତଲରେ ଭର୍ତ୍ତି କରିବା ସମୟରେ ସାପ ତାଙ୍କୁ କାମୁଡି ଦେଇଥିଲା। ସାପକୁ ଧରି ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ। ସେଠାରେ ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି।

### ବୈଠକରେ ବୈଷୟିକ ଶିକ୍ଷାର ଗୁରୁତ୍ୱ ନେଇ ଆଲୋଚନା

ନବରଙ୍ଗପୁର,୧୩।୭(ସଦାଶିବ ପ୍ରହରାଜ)- ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଜିଲାରେ ଥିବା ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଶିଶୁମାନଙ୍କୁ ନେଇ ବୈଷୟିକ ଶିକ୍ଷା ଉପରେ ଏକ ବୈଠକ କରାଯାଇଛି। ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ଶିଶୁ ମାନଙ୍କୁ ଆଇଟିଆଇ ଏବଂ ପଲିଟେକ୍ନିକ୍ ପାଇବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା କର୍ମ ନିଯୁକ୍ତି ଅଧିକାରୀ ଆନନ୍ଦ କୁମାର ପଲେଇ ଟେକ୍ନିକାଲ ପଢ଼ିବା ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ଉପରେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଳକ ଟେକ୍ନିକାଲ ଶିକ୍ଷା ଓ ଅନୁସୂଚିତ ଜାତି, ଜନଜାତି ଶିଶୁମାନଙ୍କ ଉଚ୍ଚ ଶିକ୍ଷା ପାଇଁ ଥିବା ସ୍କଲାରସିପି ସମ୍ପର୍କରେ ମତ ଦେଇଥିଲେ। ପିଲାମାନଙ୍କୁ କିପରି ବୈଷୟିକ ଶିକ୍ଷା ମାଧମରେ ଆତ୍ମନିର୍ଭରଶୀଳ କରାଯାଇପାରିବ ସେଥିପାଇଁ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀ ମାନଙ୍କୁ ଧାନ ଦେବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଦଶମ ଶ୍ରେଣୀ ଅନ୍ତେବାସୀ ଏବଂ ଆନୁଷ୍ଠାନିକ ଯତ୍ନ ଅଧିକାରୀ କୁନିମୁନି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ, ଯୁବକ ଗିରଫ

ଜୟପୁର, ୧୩।୭ (ପବନ ପାଣିଗ୍ରାହୀ)- ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜୟପୁର ସହର ଚିଲିଗୁଡାର ଆକାଶ ହରିଜନ(୧୯)। ଆକାଶ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ଅଭିଯୋଗର ତଦନ୍ତ କରି ଆକାଶଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି। ସମ୍ପୃକ୍ତା ନାବାଳିକାଙ୍କୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ମଙ୍ଗରଦୋରା ଜଳପ୍ରପାତ ବିକାଶ ନେଇ ୩ କୋଟିର ପ୍ରସ୍ତାବ

■ କ୍ଷେତ୍ର ପରିଦର୍ଶନକଲେ ଜିଲାପାଳ
■ ଖୁବ୍ ଶୀଘ୍ର ଟେଣ୍ଡର ପରେ କାମ ଆରମ୍ଭ ନେଇ ପ୍ରସ୍ତାବ

ତେନ୍ତୁଳିଖୁଣ୍ଟି, ୧୩।୭(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ର ତେନ୍ତୁଳିଖୁଣ୍ଟି ବ୍ଲକ ସଦର ପଞ୍ଚାୟତର ମଙ୍ଗରଦୋରା ଜଳପ୍ରପାତ ଅଞ୍ଚଳ ଗସ୍ତ କରିଛନ୍ତି। ଉକ୍ତ ଅଞ୍ଚଳର ବିକାଶ ପାଇଁ ୨୦ସୂତ୍ରୀ କାର୍ଯ୍ୟ ଖସଡ଼ା ନେଇ କ୍ଷେତ୍ର ପରିଦର୍ଶନ କରିଥିବା ଜଣାପଡ଼ିଛି। ୨୦ ସୂତ୍ରୀ ପ୍ରକଳ୍ପ ଓ ପ୍ରତ୍ୟେକ ପ୍ରକଳ୍ପ ପାଇଁ ଆବଶ୍ୟକ ରାଶିର ଏକ ଚିଠା ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। କେଉଁଠି କ'ଣ ହେବ ତାହା ମଧ କ୍ଷେତ୍ରକୁ ଯାଇ ଦେଖିବା ସହ ବିସ୍ତୃତଭାବେ ଜଣାଇଥିଲେ।

୩ କୋଟି ୨୦ଲକ୍ଷ ୮୦ହଜାର ଟଙ୍କାର ପ୍ରସ୍ତାବ ରହିଛି। ଖୁବ୍‌ଶୀଘ୍ର ଟେଣ୍ଡର କରି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ମଙ୍ଗରଦୋରା ଜଳପ୍ରପାତ ନିକଟରେ ପାର୍କିଂ, ପାଥ୍ ୱେ ଓ ଷ୍ଟେପ୍, ସ୍ୱାଗତ ଗେଟ୍, ଜଳପ୍ରପାତ ଦୃଶ୍ୟ ଦେଖିବା ପାଇଁ ବସିବା ବ୍ୟବସ୍ଥା, ଖେଳିବା ସାମଗ୍ରୀ, ପିକ୍‌ନିକ୍ ପାଇଁ ୮ଟି କ୍ଷେତ୍ର, ଟଏଲେଟ ବ୍ଲକ୍, ନୂତନ ବ୍ରିଜ୍, ସାଇଟ୍ ଡେକୋରେଶନ, ବିଦ୍ୟୁତୀକରଣ ଓ ପାନୀୟ ଜଳ ବ୍ୟବସ୍ଥା ସାଙ୍ଗକୁ ଡ୍ରେନେଜ ବ୍ୟବସ୍ଥା କରାଯିବ। ଉକ୍ତ ସ୍ଥାନରେ ଏସ୍‌ଏଚ୍‌ଜି ପାଇଁ ବିକ୍ରିକେନ୍ଦ୍ର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଖୁବ୍ ଶୀଘ୍ର ଟେଣ୍ଡର କରାଯାଇ କାମ ଆରମ୍ଭ ହେବ ବୋଲି ଜିଲାପାଳ କହିଛନ୍ତି। ଏହି ସମୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାସ, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜିଲାପାଳ ନବରଙ୍ଗପୁର ଦାୟିତ୍ୱ ନେବାପରେ ମଙ୍ଗରଦୋରା ଜଳ ପ୍ରପାତ ଅଞ୍ଚଳକୁ ଆସିଥିଲେ। ଉକ୍ତ ଅଞ୍ଚଳର ସାମଗ୍ରିକ ବିକାଶ ସହ ତାହାକୁ ପର୍ଯ୍ୟଟନ କ୍ଷେତ୍ରଭାବେ ବିକାଶ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଜଳପ୍ରପାତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ୧୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ୩ ଦିନର ଦରମା ବନ୍ଦ

**ନିର୍ଦ୍ଦେଶ ସତ୍ତ୍ୱେ ବିଦ୍ୟାଳୟରେ ଅନୁପସ୍ଥିତ ମହଙ୍ଗା ପଡ଼ିଲା**

ନବରଙ୍ଗପୁର,୧୩।୭(ସଦାଶିବ ପ୍ରହରାଜ)

ନିର୍ଦ୍ଦେଶ ସତ୍ତ୍ୱେ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ମହଙ୍ଗା ପଡ଼ିଲା। ଡ୍ୟୁଟିରେ ଅବହେଳା ଓ ବିଦ୍ୟାଳୟରେ ଅନୁପସ୍ଥିତ ନେଇ ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ୧୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ୩ ଦିନର ଦରମା ବନ୍ଦ କରିଛନ୍ତି।

ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନେ ଡ୍ୟୁଟିରେ ଥିବାବେଳେ ଅନ୍ୟମାନେ ବିଦ୍ୟାଳୟରେ ଅନୁପସ୍ଥିତ ଥିଲେ। ପାପଡାହାଣ୍ଡି ବ୍ଲକ ଟେରଟେଟା ୟୁଜି ହାଇସ୍କୁଲର ଅରୁଣ କୁମାର ଗିରି, ବୈଜନ୍ତୀ ବାରିକ, ଦିଲ୍ଲୀପ କୁମାର ଭଞ୍ଜ, ଜୟଦେବ ବାଗ ଓ ଗୌରହରି ମେହେରଙ୍କ ମେ ୨୫,୨୬ ଓ ୨୭ ତାରିଖର ଦରମା ବନ୍ଦ କରାଯାଇଛି। ସେହିଭଳି ଡାବୁଗାଁ ବ୍ଲକ ବରିଗାଁ ୟୁଜିଏଚ୍‌ଏସ୍‌ର ମଥୁରାନନ୍ଦ ରାଉତ, ସଙ୍ଗୀତା ଦାଶ, ଲଚିନ୍ଦର ସାନ୍ତା, ସୁବ୍ରତ ରାଉଳ, ଗଦାଧର ସାହୁ, ସଞ୍ଜୟ ପଟେଲ, ଶଙ୍କର୍ଷଣ ନାୟକ, ସନ୍ତୋଷୀ ଭତରା ଓ ରଞ୍ଜନ ପରିଡାଙ୍କ ଦରମା ୩ ଦିନର ବନ୍ଦ ହୋଇଛି। ବିଦ୍ୟାଳୟ ଛୁଟି ପରେ ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ନାମ ଲେଖା ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ରୋଷ୍ଟର ଡ୍ୟୁଟି କରିବାକୁ ନିୟମ ରହିଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଡିଇଓଙ୍କ ବିନା ଅନୁମତିରେ ଛୁଟିରେ ଯାଇପାରିବେ ନାହିଁ ଏ ନେଇ ଚିଠି ମଧ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟରେ ଅନୁପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ ବିଦ୍ୟାଳୟ ପରିଦର୍ଶନ କରିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଏ ନେଇ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ଆଧାରରେ ଡିଇଓ ସେମାନଙ୍କ ଦରମା ବନ୍ଦ କରିଛନ୍ତି।

# ପିସି ମାଗିବା ନେଇ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଅଭିଯୋଗ

ନନ୍ଦାହାଣ୍ଡି,୧୩।୭(ପ୍ରତୀପ ଦାଶ)

କୋଡିଏ ହଜାର ଟଙ୍କାର ଏକ ବିଲ୍ କରିବାକୁ ବ୍ଲକ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ସେଠୀ ପିସି ମାଗୁଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ହରିହର ପାଇକ ଲିଖିତଭାବେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଗତ ବର୍ଷ ନନ୍ଦାହାଣ୍ଡି ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଥିଲା। ସେହି ସମୟରେ ଯୁଦ୍ଧ କାଳୀନ ଭିତ୍ତିରେ ଗ୍ରାମର ଡ୍ରେନ ସଫା କରିବା ପାଇଁ ତତ୍କାଳୀନ ବିଡିଓ ଶିବଶଙ୍କର ମୁର୍ମୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଡ୍ରେନ ସଫା ଦାୟିତ୍ୱ ଗାଁର ହରିହର ପାଇକଙ୍କୁ ଦିଆଯାଇଥିଲା। ଏହାମଧ୍ୟରେ ଏକ ବର୍ଷ ବିତି ଯାଇଥିଲେ ସୁଦ୍ଧା ଡ୍ରେନ ସଫାର ବିଲ୍ କରାଯାଇ ନାହିଁ। ଏ ନେଇ ହରିହର ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ନ ମିଳିନଥିଲା। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇବି ବୋଲି ଚେତାବନୀ ଦେବାପରେ କନିଷ୍ଠ ଯନ୍ତ୍ରୀ ୨ଦିନ ମଧ୍ୟରେ ବିଲ୍ କରିଦେବାର ପ୍ରତିଶ୍ରୁତି ଦେଇ ଜିଲାପାଳଙ୍କୁ ନ ଜଣେଇବାକୁ ଅନୁରୋଧ କରିଥିବା ହରିହର କହିଛନ୍ତି। ତଥାପି ବିଲ କରିବାରେ ବିଳମ୍ବ କରାଯାଇଛି। ବାରମ୍ବାର ଗୁହାରି କରିବା ପରେ ମାତ୍ର କୋଡ଼ିଏ ହଜାର ଟଙ୍କା ବିଲ କରିଦେବା କୁହାଯାଇଥିଲା। ଯାହା କି ଖର୍ଚ୍ଚ ଟଙ୍କାଠାରୁ କମ ଅଛି । କିନ୍ତୁ ପିସି ନ ଦେଲେ ବିଲ କରିବେ ନାହିଁ ବୋଲି ଜେଇ ମାନସ ରଞ୍ଜନ ସେଠୀ କହିଥିଲେ ବୋଲି ହରିହର ଅଭିଯୋଗ କରିଛନ୍ତି। ବିନା ପିସିରେ ବ୍ଲକ କାର୍ଯ୍ୟାଳୟରେ କୌଣସି କାମ ହୁଏନାହିଁ, ସମସ୍ତେ ଏଠି ପିସି ନେଉଛନ୍ତି ବୋଲି ଯନ୍ତ୍ରୀ କହିଥିବା ନେଇ ହରିହର ଅଭିଯୋଗ କରିଛନ୍ତି। ହରିହରଙ୍କୁ ଉପଯୁକ୍ତ ବିଲ୍ କରେଇବା ସହ ଅଭିଯୋଗର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ପିସି ମାଗିବା ସମ୍ପର୍କରେ ବ୍ଲକ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ସେଠୀଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି।

# ନିମ୍ନମାନର ମଧ୍ୟାହ୍ନଭୋଜନକୁ ନେଇ ଉତ୍ତେଜନା




ସ୍କୁଲ ଭିତରେ ଉତ୍ତ୍ୟକ୍ତ ଗ୍ରାମବାସୀ।

**ପୂଜାରିଗୁଡ଼ା ସ୍କୁଲ**

■ ପ୍ରଧାନ ଶିକ୍ଷକଙ୍କୁ ଘେରିଲେ ଉତ୍ତ୍ୟକ୍ତ ଗ୍ରାମବାସୀ
■ ଶିକ୍ଷକମାନେ କାଠ ପାଇଁ ପିଲାଙ୍କୁ ୨ କି.ମି. ପଠାଉଥିବା ଅଭିଯୋଗ

ଉମରକୋଟ, ୧୩।୭(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ଭାମିନ ପଞ୍ଚାୟତ ଅଧୀନ ପୂଜାରୀଗୁଡ଼ାସ୍ଥିତ ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ନିମ୍ନମାନର ମଧ୍ୟାହ୍ନଭୋଜନ, ପାଣି ସଦୃଶ ଡାଲି, ଛୋଟ ପିଲାଙ୍କୁ ଜାଳେଣି କାଠ ଆଣିବାକୁ ପଠାଇବା, ସ୍କୁଲ ପରିସର ସଫାସୁତୁରା ରହୁ ନ ଥିବା ଅଭିଯୋଗ କରି ନାଏବ ସରପଞ୍ଚ କଦୁ ଭତ୍ରାଙ୍କ ନେତୃତ୍ୱରେ ପୂଜାରୀଗୁଡା ପାଖ ଗାଁର ଲୋକେ, ଅଭିଭାବକ ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ମହାପାତ୍ରଙ୍କୁ ଘେରିଥିଲେ। ବିଦ୍ୟାଳୟର ପ୍ରାୟ ଅଧିକାଂଶ ଛାତ୍ରୀଛାତ୍ର ସ୍କୁଲରେ ମଧ୍ୟାହ୍ନଭୋଜନ ନ ଖାଇ ନିଜ ନିଜ ଘରକୁ ଯାଇ ଖାଇଥିଲେ। ଅପରାହ୍ନ ୨ଟା ପରେ ସ୍କୁଲରେ ପାଠପଢ଼ା ସ୍ୱାଭାବିକ ହୋଇଥିଲା।

ସ୍କୁଲରେ ଅତ୍ୟନ୍ତ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଛି। ଡାଲିରେ ପାଣି ଛଡ଼ା ଡାଲି ମିଳୁନାହିଁ। ନିମ୍ନମାନର ଖାଦ୍ୟ ପାଇଁ ପିଲାମାନେ ସ୍କୁଲରେ ନ ଖାଇ ଘରକୁ ଆସି ମଧ୍ୟାହ୍ନଭୋଜନ ଖାଉଛନ୍ତି। ଶିକ୍ଷକମାନେ ଜାଳେଣି କାଠ ଆଣିବା ପାଇଁ ପିଲାମାନଙ୍କୁ ପ୍ରାୟ ୨ କି.ମି. ଦୂରରେ ଥିବା ଡ୍ୟାମ ପାଖକୁ ପଠାଉଛନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଥିସହ ପାଠପଢ଼ା ଠିକ୍ ଭାବରେ ହେଉ ନ ଥିବାରୁ ପିଲା ଆଉ ସ୍କୁଲକୁ ଯିବାପାଇଁ ଇଚ୍ଛା କରୁନାହାନ୍ତି। ଏପରିସ୍ଥଳେ ପିଲାମାନଙ୍କର ଭବିଷ୍ୟତ କ'ଣ ହେବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ସ୍କୁଲ ପରିସର ଜଙ୍ଗଲରେ ପରିପୂର୍ଣ୍ଣ ଯାହାକୁ ସଫାସୁତୁରା ମଧ କରାଯାଉ ନ ଥିବା ସେମାନେ କହିଛନ୍ତି। ସବୁ ସମସ୍ୟା ନେଇ ପ୍ରଧାନ ଶିକ୍ଷକଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ପ୍ରଧାନ ଶିକ୍ଷକ କର୍ଣ୍ଣପାତ କରୁନାହାନ୍ତି ବୋଲି ନାଏବ ସରପଞ୍ଚ ଅଭିଯୋଗ କରିଛନ୍ତି। ଅବ୍ୟବସ୍ଥାକୁ ନେଇ ଶତାଧିକ ଅଭିଭାବକ ଗ୍ରାମରେ ଥିବା ଏକ ମନ୍ଦିରରେ ପ୍ରଥମେ ବୈଠକ କରି ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକଙ୍କୁ ଘେରିଥିଲେ। ସମସ୍ୟାର ସମାଧାନ ଶୀଘ୍ର ନ ହେଲେ ସ୍କୁଲରେ ତାଲା ପକାଇବୁ ବୋଲି ମଧ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସମସ୍ତ ଅଭିଯୋଗ ମିଥ୍ୟା ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ମହାପାତ୍ର କହିଛନ୍ତି। ପନିପରିବା ଦର ଆକାଶଛୁଆଁ ହୋଇଥିବାରୁ ଏପରି ପରିସ୍ଥିତି ଉପୁଜିଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ମଧ୍ୟାହ୍ନଭୋଜନ ଦିଆଯାଉଛି। ଗ୍ରାମବାସୀ ଅଧିକ ପରିମାଣର ଖାଦ୍ୟ ଦାବି କରୁଛନ୍ତି ଯାହାକି ଦେବା ସମ୍ଭବ ନୁହେଁ ବୋଲି ପ୍ରଧାନ ଶିକ୍ଷକ ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ପଞ୍ଚାୟତକୁ ଦେବାକୁ ଦାବି

ଜୟପୁର, ୧୩।୭ (ପବନ ପାଣିଗ୍ରାହୀ)

ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ପଞ୍ଚାୟତକୁ ଦେବାକୁ ଉପଜିଲାପାଳଙ୍କ ନିକଟରେ ଦାବି ହୋଇଛି । ଏନେଇ ସାମାଜିକ କର୍ମୀ ବି.ହରି ରାଓ ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ପଞ୍ଚାୟତକୁ ଦେଲେ ଗ୍ରାମବାସୀ ଉପକୃତ ହେବେ। ଏଥିସହ ଏହା ଦୀର୍ଘସ୍ଥାୟୀ ହୋଇପାରିବ। ବାହାର ଠିକାଦାର କାର୍ଯ୍ୟ ଦାୟିତ୍ୱ ନେଲେ ନିମ୍ନମାନର କାର୍ଯ୍ୟ କରୁଛନ୍ତି। କେତେକ କ୍ଷେତ୍ରରେ କାର୍ଯ୍ୟ ଅଧା ରଖି ଚାଲିଯାଉଛନ୍ତି। ପଞ୍ଚାୟତ ଅଧୀନରେ କାର୍ଯ୍ୟ ହେଲେ ଏହା ସହଜରେ ହୋଇପାରିବ। ଗ୍ରାମବାସୀ ମଧ କାର୍ଯ୍ୟକୁ ତଦାରଖ କରିବାର ସୁଯୋଗ ପାଇବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

# 'ପାଠପଢ଼ି ଜୀବନରେ ଆଗକୁ ବଢ଼ିବାକୁ ପରାମର୍ଶ'

କୋଡିଙ୍ଗା,୧୩।୭(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡିଙ୍ଗା ନୋଡାଲ ୫-ଟି ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଗୁରୁବାର ପାଳିତ ହୋଇଛି। କୋଡିଙ୍ଗା ସରପଞ୍ଚ ସେବିକା ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ କେମରାଜ ଦିଶାରି, ବିଦ୍ୟାଳୟ ପରିଚାଳନା କମିଟି ଉପସଭାନେତ୍ରୀ ଏସ୍. ଲଳିତା ଦୋରା, ବରିଷ୍ଠ ସମାଜିକ କର୍ମୀ ବଦ୍ରିନାରାୟଣ ସିଂ, ଧରମ ସିଂ, ସାହେବ ଚଲାଣ, ତ୍ରିଲୋଚନ ସିଂ, ମନୋଜ ନାୟକ, ବିଶ୍ୱମୋହନ ତ୍ରିପାଠୀ, ଚୈତନ୍ୟ ବିଷୋୟୀ, ଅନନ୍ତରାମ ନାୟକ, ଘାସିରାମ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପାଠପଢ଼ି ଜୀବନରେ ଆଗକୁ ବଢ଼ିବାକୁ ଅତଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଉନ୍ନତି ଓ ସ୍କୁଲକୁ ପ୍ରାଥମିକରୁ ଉଚ୍ଚ ବିଦ୍ୟାଳୟ କରି ଗଢି ତୋଳିବା ପାଇଁ ପ୍ରୟାସ କରିଥିବା ଗାଁର ବୁଦ୍ଧିଜୀବୀଙ୍କୁ ସମ୍ମାନିତ କରଯାଇଥିଲା। ପ୍ରଧାନଶିକ୍ଷକ ପି. ସନ୍ତୋଷ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ବିଶ୍ୱକାନ୍ତ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଯେ, କୋଡିଙ୍ଗାରେ ଶିକ୍ଷା ବିଭାଗର ହାଇସ୍କୁଲଟିଏ ନଥିବାରୁ ପ୍ରତିବର୍ଷ ଶତାଧିକ ଛାତ୍ରୀଛାତ୍ର ହାଇସ୍କୁଲରେ ପାଠ ପଢ଼ି ପାରୁ ନ ଥିଲେ। ଏନେଇ ୨୦୧୫ରେ ମଞ୍ଚାସୀନ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କ ଆନ୍ଦୋଳନ ଓ ପ୍ରୟାସରେ କୋଡିଙ୍ଗା ଉନ୍ନିତ ମଧ ଇଂରାଜୀ ବିଦ୍ୟାଳୟ ଅପଗ୍ରେଡ କରାଯାଇ ଉଚ୍ଚବିଦ୍ୟାଳୟ ମାନ୍ୟତା ମିଳିଛି।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ପାଣି ପାଇଁ ରାସ୍ତାରୋକୋ

**ହଣ୍ଡା, ଗରା ଧରି ପ୍ରତିବାଦ କଲେ ଗ୍ରାମବାସୀ**

ନନ୍ଦାହାଣ୍ଡି, ୧୩।୭(ପ୍ରତୀପ ଦାଶ)

ବାରମ୍ବାର ଅଭିଯୋଗ ପରେ ମଧ ପିଇବା ପାଣି ସମସ୍ୟାର ସମାଧାନ ହେଲାନାହିଁ। ତେଣୁ ଏହାର ପ୍ରତିବାଦ କରି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଣ୍ଟାସର ଗ୍ରାମବାସୀ ଗରା, ହାଣ୍ଡି ଧରି ରାସ୍ତାରୋକୋ କରିଛନ୍ତି। ସମସ୍ୟା ସମାଧାନ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ରାସ୍ତାରୋକୋରୁ ହଟିଥିଲେ।

ଅଣ୍ଟାସର ଗ୍ରାମରେ ଥିବା ପାଣିଟାଙ୍କି ବହୁଦିନ ହେବ ଅଚଳ ହୋଇ ପଡିରହିଛି। ଫଳରେ ଗ୍ରାମରେ ମାସେରୁ ଅଧିକ ଦିନ ହେବ ଜଳ ଯୋଗାଣ ବନ୍ଦ ରହିଛି। ଗ୍ରାମର ଗଣ୍ଡାସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥିଲା। ସାହିରେ ଥିବା ଏକମାତ୍ର ନଳକୂପ ଉପରେ ୪୦ରୁ ଉର୍ଦ୍ଧ୍ୱ ପରିବାର ନିର୍ଭରଶୀଳ । ଫଳରେ ପାଣି ନେବା ପାଇଁ ମହିଳାଙ୍କ ମଧରେ ଗଣ୍ଡଗୋଳ ଲାଗିରହୁଛି। ଏଥିସହ ସେହି ନଳକୂପରୁ ଗୋଳିଆପାଣି ବାହାରୁଥିବାରୁ ଛୋଟ ପିଲାମାନେ ରୋଗରେ ଆକ୍ରାନ୍ତ ହେବାର ଭୟ ରହିଛି। ଗ୍ରାମର ଏହି ସମସ୍ୟାକୁ ନେଇ ବାରମ୍ବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରିଲା ନାହିଁ ବୋଲି ସାହି ବାସିନ୍ଦା କହିଛନ୍ତି। ଏହା ବିରୋଧରେ ଗ୍ରାମର ମହିଳା ଓ ପୁରୁଷମାନେ ରାସ୍ତା ଉପରେ ହାଣ୍ଡି,ଗରା ରଖି ପ୍ରତିବାଦ କରିଛନ୍ତି। ସମସ୍ୟାର ସମାଧାନ ନ ହେବା ଯାଏଁ ରାସ୍ତାରୋକୋରୁ ହଟିବେନାହିଁ ବୋଲି କହି ଦୀର୍ଘ ୧ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତା ଦେଇ ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ଦେଇ ଗମନାଗମନ ବାଧାପ୍ରାପ୍ତ ହୋଇଥିଲେ। ଦିନେ, ୨ଦିନ ମଧ୍ୟରେ ସମସ୍ୟା ସମାଧାନ ନେଇ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋରୁ ଗ୍ରାମବାସୀ ଓହରିଥିଲେ। ବିଭାଗୀୟ ଯନ୍ତ୍ରୀଙ୍କ ସହାୟତାରେ ଅଚଳ ହୋଇଥିବା ନଳକୂପ ମରାମତି କରାଇ ଲୋକଙ୍କ ପାଣି ସମସ୍ୟାର ସମାଧାନ କରାଯିବ। ଏଥିସହ ପମ୍ପ ହାଉସ୍‌ର ମୋଟର ଅତିଶୀଘ୍ର ମରାମତି କରାଯିବ ବୋଲି ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ପ୍ରତିଶ୍ରୁତି ଦେଇଛନ୍ତି।



ରାସ୍ତାରୋକୋରେ ସାମିଲ ହୋଇଥିବା ମହିଳା ପୁରୁଷ।

# ନୂଆ ତାଲିକା ବାହାରିଲେ ଘର ମିଳିବ, ଶୁଣିଶୁଣି ବିତିଲାଣି ୫ ବର୍ଷ

■ ହିତାଧିକାରୀଙ୍କୁ ମିଳୁନି ଆବାସ
■ ଗୋଟିଏ କୋଠରିରେ ରୋଗୀ ପୁଅ, ବୋହୂ, ନାତୁଣୀ ଓ ଝିଅଙ୍କ ସହ ରହୁଛନ୍ତି ସରୋଜିନୀ

ତେନ୍ତୁଳିଖୁଣ୍ଟି, ୧୩।୭(ଚିଦାନନ୍ଦ ସାହୁ)

ଗରିବଙ୍କ ପାଇଁ ଆସୁଛି ସରକାରୀ ଯୋଜନା। କିନ୍ତୁ ସେମାନଙ୍କୁ ମିଳୁନି। ଆଗକୁ ମିଳିବ ବୋଲି କହି ଦିନ ଗଡ଼ି ଚାଲୁଛି। କିନ୍ତୁ ଯୋଜନାର ସୁଫଳ ପାଉନାହାନ୍ତି ହିତାଧିକାରୀ। ଏପରି ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ପଞ୍ଚାୟତ ଖାତିଗୁଡା ଗ୍ରାମର ସରୋଜିନୀ ଖରାଙ୍କ କ୍ଷେତ୍ରରେ।

୨୦୧୬ରୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଗୃହ ଯୋଜନା ହେବା ଦିନରୁ ସରୋଜିନୀଙ୍କୁ ମିଳୁଛି କେବଳ ପ୍ରତିଶ୍ରୁତି। କିନ୍ତୁ ଆଜି ଯାଏ ତାହା ପୂରଣ ହୋଇପାରିନି। ବର୍ତ୍ତମାନ ସରୋଜିନୀଙ୍କ ଗୋଟିଏ କୋଠରି ବିଶିଷ୍ଟ ଘର ରହିଛି। ପୁଅ, ବୋହୂ, ନାତୁଣୀ, କିଡ୍‌ନୀ ରୋଗାକ୍ରାନ୍ତ ପୁଅ, ଏକୋଇଶ ବର୍ଷୀୟ ଝିଅ ସେଥିରେ ରହୁଛନ୍ତି। ଦିନ ଯେମିତି ସେମିତି ବିତିଯାଉଥିଲେ ମଧ ରାତି ହେଲେ କିଏ କେଉଁ ପଡ଼ୋଶୀ ଘରେ ଶୋଇବ ଚିନ୍ତା। ବିବାହିତ ପୁଅ ବୋହୂ ଓ ନାତୁଣୀ ଘରେ ଶୋଉଥିବା ବେଳେ ଅନ୍ୟମାନେ ଅନ୍ୟ ଘରେ ରାତିରେ ଶୋଇବାକୁ ବାଧ ହୁଅନ୍ତି। କାହା ଘରେ ଅତିଥି ଆସିଥିଲେ ଚିନ୍ତାଜନକ ପରିସ୍ଥିତି। କିଡ୍‌ନୀ ରୋଗୀଙ୍କ ପାଇଁ ସ୍ୱଚ୍ଛ ବାତାବରଣ ଆବଶ୍ୟକ କିନ୍ତୁ ସେଥିରୁ ମଧ ପରିବାର ବଞ୍ଚିତ। ତାଙ୍କ ଘରର ସ୍ଥିତି ଓ ପରିବାର ବୋଝ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହାପରେ ସେତେବେଳେ ତେନ୍ତୁଳିଖୁଣ୍ଟି ବିଡିଓ ଦାୟିତ୍ୱରେ ଥିବା ପାପଡାହାଣ୍ଡି ବିଡିଓ ସରୋଜିନୀଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଆଗାମୀ ତାଲିକାରେ ନିଶ୍ଚିତଭାବେ ଘର ପାଇବ ବୋଲି ସେ ସରୋଜିନୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟରେ ତିନିବର୍ଷ ବିତିଯାଇଥିଲେ ମଧ ସରୋଜିନୀ ଘର ପାଇ ନାହାନ୍ତି। ଗତ ମାସରେ ପଞ୍ଚାୟତର ୨ଶହରୁ ଉର୍ଦ୍ଧ୍ୱଙ୍କୁ ଆବାସ ଗୃହ କାର୍ଯ୍ୟାଦେଶ ମିଳିଲା। ତଥାପି ସେଥିରେ ସରୋଜିନୀ ଖରାଙ୍କ ନାମ ନାହିଁ। ତାଲିକାରେ କିନ୍ତୁ ଅନ୍ୟ ଦୁଇ ଜଣ ସରୋଜିନୀଙ୍କ ନାମ ଦେଖି ନିଜକୁ ହତଭାଗୀ ବୋଲି କହିଛନ୍ତି ସରୋଜିନୀ ଖରା। କିଛିଦିନ ତଳେ ଜଣେ ଆସି ଡକ୍ୟୁମେଣ୍ଟ ଦିଅ, ଆଗାମୀ ତାଲିକାରେ ତୁମ ନାମ ଅଛି ଘର ଆସିବା ନେଇ ପ୍ରତିଶ୍ରୁତି ବୋଲି ସରୋଜିନୀ କହିଛନ୍ତି। ତେବେ ଆଗାମୀ ତାଲିକା କେବେ ଆସିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସ୍ୱାମୀ ମୃତ୍ୟୁ ପୂର୍ବରୁ ଘର ପାଇଁ ଲୋକପ୍ରତିନିଧିଙ୍କ ସମେତ ଅନେକ ଅଧିକାରୀ ଅନୁରୋଧ କରିଥିଲେ। ସ୍ୱାମୀ ତାଙ୍କ ଜୀବନକାଳରେ ଘର ଟିଏ ପାଇପାରିଲେନି ବୋଲି ସରୋଜିନୀ କହିଛନ୍ତି। ଏ ନେଇ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଜଏନ କରିବା ପୂର୍ବରୁ ତାଲିକା ପ୍ରସ୍ତୁତ ହୋଇଥିଲା। ବର୍ତ୍ତମାନ ଏଭଳି କିଛି ଯୋଗ୍ୟ ହିତାଧିକାରୀଙ୍କ ଦୁଃଖ ନଜରକୁ ଆସିଛି। କ'ଣ କରିହେବ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନେବି ବୋଲି ସେ କହିଛନ୍ତି।



ନିଜ ଘର ଆଗରେ ସରୋଜିନୀ ଖରା।

# ଚାଷଜମିରେ କୋମଳମତି ଶିଶୁ

ମାଲକାନଗିରି,୧୩।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟଗୁଡ଼ିକ ଖୋଲିଛି। ତେବେ ପାଠପଢ଼ା କ୍ଷେତ୍ରରେ ଶିଶୁମାନଙ୍କ ମଧ୍ୟରେ ସେପରି ଅଗ୍ରଗତି ଦେଖିବାକୁ ମିଳିନାହିଁ। ୫ ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଶିକ୍ଷାଦାନ ଲାଗି ବିଶେଷ ଗୁରୁତ୍ୱ ଦେବାକୁ ଜିଲା ଶିକ୍ଷା ଅଧିକାରୀ ମାନସ ଜେନା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନାହିଁ। ଚାଷ କାର୍ଯ୍ୟରେ ଶିଶୁମାନେ ନିୟୋଜିତ ହେଉଥିବା ଦେଖିବାକୁ ମିଳୁଛି। ମାଲକାନଗିରି ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ ରିଜାରଗୁଡ଼ା ଗ୍ରାମରେ ଶିଶୁମାନେ ପାଠ ବଦଳରେ ଚାଷ କାର୍ଯ୍ୟ କରୁଛନ୍ତି। ସେମାନେ ମହୁଲ ସଂଗ୍ରହ, ବନଜାତ ସାମଗ୍ରୀ ସଂଗ୍ରହରେ ସମୟ ନଷ୍ଟ କରୁଛନ୍ତି। ପିଲାମାନଙ୍କ ନାମ ବିଦ୍ୟାଳୟରେ କେବଳ ନାମକୁ ମାତ୍ର ରହିଛି। ଏ ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କ ଅଭିଭାବକଙ୍କୁ ସଚେତନ କରୁନାହାନ୍ତି। ଅନେକ ଆଭ୍ୟନ୍ତରୀଣ ଅଞ୍ଚଳରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ ସୁଦ୍ଧା ବିଦ୍ୟାଳୟରେ ସେମାନେ ସବୁଦିନ ଉପସ୍ଥିତ ରହୁଥିବା ଦର୍ଶାଯାଉଛି। ସେମାନଙ୍କ ଉପସ୍ଥାନ ଦେଖାଇ ମଧ୍ୟାହ୍ନଭୋଜନ, ବିଦ୍ୟାଳୟ ପୋଷାକ, ସେମାନଙ୍କ ଷ୍ଟାଇପେଣ୍ଡ ଅର୍ଥ ଓ ପାଠ୍ୟୋପକରଣ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏହାର ତଦନ୍ତ କରାଯିବ ବୋଲି କହିଥିଲେ। ତେବେ କେବଳ ତଦନ୍ତରେ ସୀମିତ ନ ରଖି ସମ୍ପୃକ୍ତ ଅଞ୍ଚଳର ଆର୍‌ସିସି ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।



ହଳ ଲଙ୍ଗଳ ଧରି ଜମି କାଦୁଅ କରୁଛନ୍ତି ପିଲାମାନେ।

## ବାଲିମେଳା ପୋଟେରୁ ଜଳସେଚନ ପ୍ରକଳ୍ପକୁ ଜାତୀୟସ୍ତରୀୟ ପ୍ଲାଟିନମ ଆୱାର୍ଡ

ବାଲିମେଳା, ୧୩।୭(ଶିବଦତ୍ତ ସାହୁ )

ମାଲକାନଗିରି ଜିଲାରେ ଥିବା ପୋଟେରୁ ଜଳସେଚନ ପ୍ରକଳ୍ପ ଜାତୀୟସ୍ତରରେ ଏସ୍‌କେ ଓ ସିଏଚ୍ ସଂସ୍ଥା ତରଫରୁ ପ୍ଲାଟିନମ ସମ୍ମାନରେ ସମ୍ମାନିତ ହୋଇଛି। ଜଳସେଚନ ସୁପରିଚାଳନା ସହ ଠିକ୍ ସମୟରେ ଚାଷୀଙ୍କ ପାଖରେ ପହଞ୍ଚାଇବା ଓ କେନାଲ ପରିଚାଳନା ଆଦି ପାଇଁ ବାଲିମେଳା ଜଳସେଚନ ପ୍ରକଳ୍ପକୁ ଜାତୀୟସ୍ତରରେ ପ୍ଲାଟିନମ ଆୱାର୍ଡରେ ସମ୍ମାନିତ କରାଯାଇଛି। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି, ଏ ପୁରସ୍କାର ପାଇଁ ପୋଟେରୁ ପ୍ରକଳ୍ପର ସମସ୍ତ କର୍ମଚାରୀଙ୍କର ଅବଦାନ ରହିଛି। ବିଶେଷ ଭାବେ ଜଳସେଚିତ ଗ୍ରାମଗୁଡ଼ିକରେ ପାଣି ପଞ୍ଚାୟତ ଗଠନକରି ଆମ କର୍ମଚାରୀ ଓ ଚାଷୀମାନେ ମିଶି ଜଳ ସୁପରିଚାଳନା କରିବା ଦ୍ୱାରା ଆଜି ଜିଲାର ସମସ୍ତ ଚାଷୀ ବହୁ ଉପକୃତ ହୋଇଛନ୍ତି। ବର୍ତ୍ତମାନ ତମସା କେନାଲରେ କଂକ୍ରିଟ କାମ ଚାଲିଛି। ଏହା ସରିବା ପରେ ଜଳ ପରିଚାଳନା ଆହୁରି ଭଲ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।




ଆୱାର୍ଡ ସାର୍ଟିଫିକେଟ୍ ।

## ସଂକ୍ଷେପରେ

### ୪୫ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ୩ ଗିରଫ



ଚିତ୍ରକୋଣ୍ଡା,୧୩।୭(କ୍ଷୀରୋଦ ବେହେରା)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ଦ୍ୱାରା ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛନ୍ତି। ଉକ୍ତ ତିନୋଟି ବ୍ୟାଗରେ ମୋଟ ୪୫ କେଜି ୫୦୦ ଗ୍ରାମ ଗଞ୍ଜେଇ ଥିଲା। ଗିରଫ ୩ ଜଣଙ୍କ ହେଲେ ହରିୟାଣା କୁରୁକ୍ଷେତ୍ର ଜିଲା ଗୋଡା ଚୋକ ଗ୍ରାମର ପ୍ରକାଶ, ଥାନେଶ୍ୱର ଗ୍ରାମର ନିବାସ ରାଓ ଏବଂ ରାୟଗଡା ଅମିତି ଗ୍ରାମର କାଦିରି ସନ୍ତା ରାଓ। ଏମାନଙ୍କ ନିକଟରୁ ଆଧାର କାର୍ଡ ଓ ମୋବାଇଲ ଫୋନ୍ ଜବତ କରାଯାଇଥିବା ବେଳେ ଚିତ୍ରକୋଣ୍ଡା ଥାନା ନଂ. ୧୨୮/୨୩ରେ ମାମଲା ରୁଜୁ କରି ଗୁରୁବାର କାର୍ଟ ଚାଲାଣ କରାଯାଇଛି ।

### କୋରୁକୋଣ୍ଡାରେ ନୂତନ ତହସିଲ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏମ୍‌ପିଙ୍କ ଚିଠି

କୋରୁକୋଣ୍ଡା,୧୩।୭(ଅବିନାଶ ବେହେରା)-ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍‌କୁ ୧୯୬୪ରେ ମାନ୍ୟତା ଦିଆଯାଇଥିଲା। ବର୍ତ୍ତମାନ କୋରୁକୋଣ୍ଡା ବ୍ଲକ ଅଧୀନରେ ୧୨ ପଞ୍ଚାୟତ ରହିଛି। କୋରୁକୋଣ୍ଡା ବ୍ଲକର କେତେକ ଅଂଶ ମାଲକାନଗିରି ଓ ଅନ୍ୟ କିଛି ଅଂଶ କୁଡୁମୁଲୁଗୁମା ତହସିଲ ଓ ଆଉ କେତେକ ଚିତ୍ରକୋଣ୍ଡା ତହସିଲ ଅଧୀନରେ ରହିଛି। ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଏମ୍‌ପି ରମେଶ ମାଝି ପତ୍ର ସଂଖ୍ୟା ୧୭୧୩ ଏମ୍‌ପି ଏଲ୍‌ଏସ୍‌ଏନ୍‌ଜିପିରେ ମୁଖ୍ୟମନ୍ତ୍ରୀଙ୍କୁ କୋରୁକୋଣ୍ଡାରେ ନୂତନ ତହସିଲ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ପତ୍ର ଲେଖିଛନ୍ତି। ପତ୍ରରେ ଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନ କୋରୁକୋଣ୍ଡା ବ୍ଲକରେ କୌଣସି ତହସିଲ ଅଫିସ୍ ନାହିଁ। ଫଳରେ ବ୍ଲକର ସମସ୍ତ ଜନସାଧାରଣଙ୍କ ମଧ୍ୟରୁ ୨୦% ମାଲକାନଗିରି ତହସିଲ,୨୦% କୁଡୁମୁଲୁଗୁମା ତହସିଲ ଓ ଅନ୍ୟ ୬୦% ଚିତ୍ରକୋଣ୍ଡା ତହସିଲ ଉପରେ ନିର୍ଭର କରନ୍ତି। ଜନସାଧାରଣଙ୍କୁ ହେଉଥିବା ଅସୁବିଧା ନିମନ୍ତେ କୋରୁକୋଣ୍ଡାରେ ନୂତନ ତହସିଲ ନିମନ୍ତେ ପତ୍ରରେ ଉଲ୍ଲେଖ କରିଛନ୍ତି। ନବରଙ୍ଗପୁର ଏମ୍‌ପିଙ୍କ ଏହି ପତ୍ରକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ଚିତ୍ରକୋଣ୍ଡାରେ ଆହାର କେନ୍ଦ୍ର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏମ୍‌ପି

ଚିତ୍ରକୋଣ୍ଡା,୧୩।୭(କ୍ଷୀରୋଦ ବେହେରା)- ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ "ଆହାର କେନ୍ଦ୍ର "ଖୋଲିବାକୁ ଗତ ୪ ବର୍ଷ ହେଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ସୁଧା ସେମିତି କିଛି ଆଖିଦୃଷ୍ଟିଆ ପଦକ୍ଷେପ ନେଇନଥିବା ଦେଖିବାକୁ ମିଳିଥିବା ବେଳେ ଚିତ୍ରକୋଣ୍ଡାରେ ଆହାର କେନ୍ଦ୍ର ର ଆବଶ୍ୟକତା ତଥା ଜନସାଧାରଣଙ୍କ ଦାବିକୁ ଅନୁଭବ ତଥା ପରିଲକ୍ଷିତ କରି ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଚିତ୍ରକୋଣ୍ଡାରେ ଆହାର କେନ୍ଦ୍ର ଖୋଲିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି । ଏମ୍‌ପିଙ୍କର ଉକ୍ତ ପଦକ୍ଷେପକୁ ଚିତ୍ରକୋଣ୍ଡା ବ୍ଲକର ଉପାନ୍ତ ତଥା ସ୍ୱାଭିମାନ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି । ପ୍ରକାଶଯେ, ଚିତ୍ରକୋଣ୍ଡା ବ୍ଲକର ୧୮ ଗୋଟି ପଞ୍ଚାୟତ ଲୋକେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଦୈନିକ ଆସିଥାନ୍ତି। ସେହିପରି ବସ୍‌ଷ୍ଟାଣ୍ଡରୁ ବିଭିନ୍ନ ସ୍ଥାନକୁ ମଧ୍ୟ ଯାତାୟାତ କରିଥାନ୍ତି। କିନ୍ତୁ ଖାଇବା ଲାଗି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଚିତ୍ରକୋଣ୍ଡାରେ ଆଜି ପର୍ଯ୍ୟନ୍ତ ଆହାର କେନ୍ଦ୍ର ହୋଇପାରିନାହିଁ।

### ଭାଉଜଙ୍କୁ ବଳାତ୍କାର: ଦିଅର ଗିରଫ

ହିଞ୍ଜିଳିକାଟୁ, ୧୩।୭(ଦ୍ୱିତୀକୃଷ୍ଣ ପଣ୍ଡା)- ହିଞ୍ଜିଳି ଥାନା ଅଞ୍ଚଳରେ ଭାଉଜଙ୍କୁ ପ୍ରଲୋଭିତ କରି ବଳାତ୍କାର କରିବା ଅଭିଯୋଗରେ ବୁଧବାର ପୋଲିସ ଦିଅରଙ୍କୁ ନବରଙ୍ଗପୁରରୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଭାଇ ଓ ଭାଉଜଙ୍କ ମଧ୍ୟରେ ମନୋମାଳିନ୍ୟର ଫାଇଦା ଉଠାଇ ଦିଅର ଭାଉଜଙ୍କୁ ପ୍ରଲୋଭିତ କରିଥିଲେ। ଭାଉଜଙ୍କୁ ବଳାତ୍କାର କରିଥିବା ନେଇପୀଡ଼ିତା ଗତ ମାସରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦିଅରଙ୍କୁ ଧରିଥିଲା।

## ବାଲିମେଳା ହାଇସ୍କୁଲର ୩ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



୩ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି ।

ବାଲିମେଳା,୧୩।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରେରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା କୁମାରୀ ହିଆଲଙ୍କ ସଭାପତିତ୍ୱରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପଦୋନ୍ନୋତି ପାଇ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଥିବା ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ଅଜୟ କୁମାର ନାୟକ ଓ ଅନ୍ୟ ଜଣେ ସହକାରୀ ଶିକ୍ଷକ ଶରତ କୁମାର ରାଉତଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ସେଠାରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରୀଛାତ୍ରମାନେ ଉଭୟଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର କୁମାର ବେହେରା, ଉପଦେଷ୍ଟା ତଥା ଆଲୁମିନି କମିଟି ସଦସ୍ୟ ରାଜେନ୍ଦ୍ର କୁଲଦୀପ, ଆଦିତ୍ୟ ମହାନ୍ତିଙ୍କ ସମେତ କମିଟିର ସମସ୍ତ ସଭ୍ୟାସଭ୍ୟ ଓ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସଭାରେ ଗତ ଜାନୁୟାରୀରେ ଚାକିରିରୁ ଅବସର ନେଇଥିବା ବରିଷ୍ଠ ଶିକ୍ଷକ ନିରଞ୍ଜନ ମହାପାତ୍ରଙ୍କୁ ମଧ୍ୟ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଥିଲା ।

## ବାଲିସାଗର ବନ୍ଧର ହେବ ପୁନରୁଦ୍ଧାର,୪ କୋଟି ୧୧ ଲକ୍ଷ ମଞ୍ଜୁର

ମାଲକାନଗିରି,୧୩।୭(ଦୁର୍ଯ୍ୟୋଧନ ପାତ୍ର)

ଆମ ପୋଖରୀ ଯୋଜନାରେ ମାଲକାନଗିରି ଜିଲାର ବାଲିସାଗର ବନ୍ଧ ପୁନରୁଦ୍ଧାର ନିମନ୍ତେ ଗୃହ ଏବଂ ନଗର ଉନ୍ନୟନ ବିବାଗ ୪ କୋଟି ୧୧ ଲକ୍ଷ ଟଙ୍କା ମୁଞ୍ଜୁର କରିଛନ୍ତି। ଏହାଦ୍ୱାରା ୩୮.୨୨ ଏକର ପରିବ୍ୟାପ୍ତ ବିରାଟ ବାଲିସାଗର ଜଳାଶୟ ପୁନରୁଦ୍ଧାର ହେବା ସହ ସୌନ୍ଦର୍ଯ୍ୟକରଣ ହେବ। ମାଲକାନଗିରି ଜିଲା ଜନସାଧାରଣ ଉପକୃତ ହୋଇ ପାରିବେ । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆମ ପୋଖରୀ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଖାଲି ପଡ଼ିଥିବା ଜଳାଶୟକୁ ପୁନଃ ବ୍ୟବହାର କରାଯିବା ଲକ୍ଷରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ କ୍ଷରୁ ଆମ ପୋଖରି ଯୋଜନାର ପରିକଳ୍ପନା କରାଯାଇଥିଲା।

## ରାସ୍ତାରେ ଗୋରୁ ଛାଡ଼ିଲେ ଜରିମାନା

- ଧରିତ୍ରୀ ପ୍ରଭାବ
- ଗୃହପାଳିତ ପ୍ରାଣୀ ମାଲିକଙ୍କୁ ଚେତାବନୀ

କୋରୁକୋଣ୍ଡା, ୧୩।୭(ଅବିନାଶ ବେହେରା)

ଖବର ପ୍ରକାଶ ପାଇବାର ଦିନକ ପରେ ପଞ୍ଚାୟତ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସୂଚନା ଅନୁସାରେ, ବୁଲା ଗୋରୁଙ୍କ ପାଇଁ ରାଜରାସ୍ତାରେ କିପରି ପଥ ଚାରୀଙ୍କ ସମେତ ବହୁ ଯାନବାହନ ଚାଳକ ଅସୁବିଧାର ସମ୍ମୁଖୀନ ହେବା ସହ ବହୁବାର ଦୁର୍ଘଟଣା ଘଟୁଛି । ଏନେଇ ଗୁରୁବାର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ଗୃହପାଳିତ ପ୍ରାଣୀଙ୍କୁ ମାଲିକମାନେ ଘରେ ନ ବାନ୍ଧି ରାସ୍ତାରେ ଖୋଲା ଛାଡ଼ି ଦେବାକୁ ନେଇ ପଦକ୍ଷେପ ନେଇଛନ୍ତି। ଗୃହପାଳିତ ପ୍ରାଣୀଙ୍କୁ ରାଜରାସ୍ତାରେ ନ ଛାଡ଼ିବାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଗ୍ରାମର ବିଭିନ୍ନ ସ୍ଥାନରେ ନୋଟିସ ମାରିବା ସହ ଡାକବାଜି ଯନ୍ତ୍ର ଯୋଗେ ଅଞ୍ଚଳର ପ୍ରତେକ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି। ଆଗାମୀ ଦିନରେ ଯଦି କୌଣସି ଗୃହପାଳିତ ପ୍ରାଣୀଙ୍କୁ ରାଜରାସ୍ତାକୁ ଛାଡ଼ନ୍ତି ତେବେ କାଞ୍ଜିଆହୁଦାରେ ରଖାଯିବ। ସମ୍ପୃକ୍ତ ମାଲିକଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ।

ସୂଚନାଯୋଗ୍ୟ, ଏପରି ଭାବେ ମୁଖ୍ୟ ରାସ୍ତାରେ ଦୀର୍ଘଦିନ ଧରି ଗୋରୁ ବୁଲୁଥିଲେ ମଧ୍ୟ ଅଧିକାରୀମାନେ ନ ଦେଖିଲା ଭଳି ଚାଲିଯାଉଥିଲେ । ଉକ୍ତ ରାସ୍ତାଟି ଜିଲା ସଦରକୁ ସଂଯୋଗର ମୁଖ୍ୟରାସ୍ତା ହୋଇଥିବାରୁ ପଞ୍ଚାୟତ ଅଧିକାରୀ, ବ୍ଲକରେ କାର୍ଯ୍ୟରତ ଅଧିକାରୀଙ୍କ ସମେତ ଜିଲାର ବିଭିନ୍ନ ଅଧିକାରୀ ଯାତାୟାତ କରୁଥିଲେ। ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିଲେ। ଧରିତ୍ରୀରେ ଖବର ପ୍ରକାଶ ପାଇବାର ଗୋଟିଏ ଦିନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ବିଜେଡି ୱାର୍ଡ କମିଟି ଗଠନ

ମାଲକାନଗିରି, ୧୩।୭
(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ସଦର ବ୍ଲକ ପଦ୍ମଗିରି ଜିଲା ପରିଷଦ ଜୋନ୍ ୧୩ ପଦ୍ମଗିରି ପଞ୍ଚାୟତର ୬ ବୁଥର ପ୍ରତ୍ୟେକ ୱାର୍ଡରେ ପହଞ୍ଚି ଗ୍ରାଉଣ୍ଡ ଜିରୋରୁ ବୁଥ ଏବଂ ୱାର୍ଡ କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ନବୀନ ପଟ୍ଟନାୟକଙ୍କ କଲ୍ୟାଣକାରୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ସମସ୍ତେ ସଙ୍କଳ୍ପବଦ୍ଧ ହୋଇଛନ୍ତି। ଗୁରୁବାର ବୈଠକରେ ଓଡିଶା ଗ୍ରାମାଞ୍ଚଳରେ ଥିବା ପୂଜାସ୍ଥଳ ତଥା ଅନ୍ୟାନ୍ୟ ଐତିହାସିକ ଗୁରୁତ୍ୱ ଥିବା ସ୍ଥାନର ବିକାଶ ସହ ଡିଜିଟାଲ ଭିତ୍ତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଜନା ଆରମ୍ଭ କରିଛନ୍ତି। ନୂଆ ଯୋଜନା ଆମ ଓଡିଶା ନବୀନ ଓଡିଶା । ଲୋକଙ୍କୁ ଉନ୍ନତ ସେବା ପ୍ରଦାନ ସହ ଏହା ଗ୍ରାମାଞ୍ଚଳ ବିକାଶକୁ ନୂଆ ଦିଗ ପ୍ରଦାନ କରିବ ।

କାର୍ଯ୍ୟକ୍ରମରେ ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡକାମି, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ନାୟକ, ଜିଲା ଆଦିବାସୀ ସଭାପତି ଘନଶ୍ୟାମ ମାଡକାମି, ବ୍ଲକ ଅଧ୍ୟକ୍ଷା ଗୋରୀ ପଡିଆମି, ପଦ୍ମଗିରି ଜିଲା ପରିଷଦ ସଭ୍ୟା କୁନି ବୁମିଆ, ବିଜୁ ମହିଳା ଜନତା ଦଳ ଜୋନାଲ ସଭାନେତ୍ରୀ ତଥା ସମିତିସଭ୍ୟା ସୁକାନ୍ତି ବୁରୁଦା, ପଦ୍ମଗ୍ରି ଜିଲ୍ଲା ପରିଷଦ ଜୋନ୍ ସଂଯୋଜକ ଗୋପୀ ପାଙ୍ଗି, ପଦ୍ମଗିରି ସରପଞ୍ଚ ସୁନାଧର ମାଡକାମି, ଉଡୁପା ସରପଞ୍ଚ ଗଙ୍ଗା ମାଡକାମି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ, ବ୍ଲକ ସଭାପତି ବିବାଂଶୁ ସାମଲ, ଜିଲା ଯୁବ ଉପସଭାପତି କଣ୍ଟେଶ୍ୱର ପଟଲା, ଜିଲା ଛାତ୍ର ସଭାପତି ତାପସ ରଞ୍ଜନ ନାୟକ ଓ ବରିଷ୍ଠ କର୍ମି ଫଣୀଭୂଷଣ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।



ଦଳୀୟ କର୍ମୀମାନେ ବୈଠକରେ ଆଲୋଚନ କରୁଛନ୍ତି ।

## ତଦନ୍ତ ଆରମ୍ଭ, ରୁଜୁହେଲା ମାମଲା

ବନାଞ୍ଚଳରୁ ଶାଗୁଆନ ଗଛ କଟା ପ୍ରସଙ୍ଗ

ବାଲିମେଳା,୧୩।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ରେଞ୍ଜ ଅଧୀନ ସୋମନାଥପୁର ବନାଞ୍ଚଳରେ ରହିଛି ହାତୀଆମ୍ବ ବିଟ୍। ଏହି ବିଟ୍ ଅଞ୍ଚଳରେ ହାତୀଆମ୍ବରୁ ନୂଆଗୁଡାକୁ ଯିବା ରାସ୍ତାରେ ବହୁ ପୁରୁଣା ଶାଗୁଆନ ଗଛ ରହିଥିଲା। ଏହାକୁ କେତେ ଜଣ କାଠବ୍ୟବସାୟୀ ବେଆଇନ ଭାବେ ସ୍ପଷ୍ଟ ଦିବାଲୋକରେ କାଟିନେଇଥିଲେ। ଘଟଣା ସମ୍ପର୍କରେ ଗତ ୧୨ ତାରିଖ ଧରିତ୍ରୀରେ ଖବର ପ୍ରକାଶ ପରେ ବନ ବିଭାଗ ତତ୍ପରତା ଦେଖାଇଛି। ରେଞ୍ଜର କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ସୋମନାଥପୁର ବନପାଳଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବାଲିମେଳା ରେଞ୍ଜର ଜଗନ୍ନାଥ ବିଶୋୟୀ ଏକ ସ୍ୱତନ୍ତ୍ର ଟିମ୍ ଘଟଣା ସ୍ଥଳକୁ ପଠାଇ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ବନପାଳ ଚିନାରାଙ୍କ ନେତୃତ୍ୱରେ ଯାଇଥିବା ଟିମ୍ ସେଠାରେ କଟାଯାଇ ପଡ଼ିଥିବା ୬ଟି ଶାଗୁଆନ ଗଣ୍ଡିକୁ ଜବତ କରି ସୋମନାଥପୁର ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଛନ୍ତି। ଏ ନେଇ ବନ ବିଭାଗ ଗତ ୧୨ରେ ଏକ ମାମଲା ୩୨/୨୦୨୩-୨୪ ରୁଜୁ କରିଥିବା ଚିନାରା ସୂଚନା ଦେଇଛନ୍ତି।

## ସାମାନ୍ୟ ବର୍ଷାରେ ଜାତୀୟ ରାଜପଥରେ କାଦୁଅ



ଜାତୀୟ ରାଜପଥ କଡ଼ରେ କାଦୁଅ ।

ମାଲକାନଗିରି,୧୩।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସହର ମଧ୍ୟ ଦେଇ ଜୟପୁର ମୋଟୁ ୩୨୬ ନଂ. ଜାତୀୟ ରାଜପଥରେ ଦୈନିକ ଜିଲା ଏବଂ ବିଭିନ୍ନ ରାଜ୍ୟର ଶହ ଶହ ଯାନବାହନ ଯାତାୟାତ କରୁଛି। ମାଲକାନଗିରି ସହର ମଧ୍ୟରେ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ବର୍ଷାଜଳ ଜମି ରହିବା ଏବଂ ରାସ୍ତା କଡ଼କୁ ଲାଗି କାଦୁଅ ହେଉଥିବାରୁ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। କାଦୁଅକୁ ଲାଗି ଡ୍ରେନ୍ ଥିଲେ ମଧ୍ୟ ରାସ୍ତାଠାରୁ ଡ୍ରେନ୍‌ର ଉଚ୍ଚତା ଅଧିକ ଥିବାରୁ ଏହି ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ପାଣି ଜମିଯାଉଛି। ଏହାର ପ୍ରତିକାର ପାଇଁ ସମ୍ପୃକ୍ତ ଜାତୀୟ ରାଜପଥ ବିଭାଗ, ନିର୍ବାହୀ ଯନ୍ତ୍ରୀଙ୍କ ସହ ଟେଲିଫୋନ୍ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏଥିପ୍ରତି ଦୃଷ୍ଟିଦେବାକୁ ସହରବାସୀ ଦାବି କରିଛନ୍ତି।

## ନୂତନ ମୋଟର ଯାଞ୍ଚ ଇନ୍ସପେକ୍ଟରଙ୍କୁ ସ୍ୱାଗତ

ମାଲକାନଗିର,୧୩।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ରାଜ୍ୟ ସଡ଼କ ପରିବହନ ବିଭାଗରେ ନୂତନ ଭାବେ ଯୋଗ ଦେଇଥିବା ମୋଟର ଯାଞ୍ଚ ଇନ୍ସପେକ୍ଟର ଜେ.ପି. କୁଲୁଙ୍କୁ ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ସ୍ୱାଗତ ଜଣାଇଛନ୍ତି। ସଂଘ କାର୍ଯ୍ୟକାରୀ ସଭାପତି ରାଜେଶ ରାଉତ, ଯୁଗ୍ମ ସମ୍ପାଦକ କେଦାର ଦାସ, ବସ୍ ମାଲିକ ରାଜୁବାବୁ ଓ ବସ୍‌ଷ୍ଟାଣ୍ଡ କର୍ମଚାରୀ ଅଶୋକ ରାଉତ, ଛବି ଦାଶ, ସନ୍ତୋଷ ପାଣିଗ୍ରାହୀ, ମଲ୍ଲିକେଶ୍ୱର ଗୁରୁ ପ୍ରମୁଖ କୁଲୁଙ୍କୁ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଂଘର ମାଲିକ ଏବଂ କର୍ମଚାରୀଙ୍କୁ ବିଭିନ୍ନ ସ୍ଥାନରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କର ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ।



ସମ୍ବର୍ଦ୍ଧିତ କରାଯାଉଛି।

# ସମାନ ସଂହିତା ଆଇନ ପ୍ରଣୟନ ଦାବି

ନବରଙ୍ଗପୁର,୧୩।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ୫ ଦଫା ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁବ୍ରତ ବେହେରା ଦାବିପତ୍ର ଗ୍ରହଣ କରିଛନ୍ତି । ଦେଶର ଐତିହ୍ୟ, ଅସ୍ମିତା, ସଂସ୍କୃତିକୁ ସୁରକ୍ଷିତ ରଖିବାକୁ ସମାନ ସଂହିତା ଆଇନ ସହିତ ଜନ୍ମ ନିୟନ୍ତ୍ରଣ ବିଲ୍ ପ୍ରଣୟନ ଓ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି।

ସମ୍ବିଧାନକୁ ଅବମାନନ କରାଯାଇ ଦେଶରେ ଧାର୍ମିକ ଆଧାରରେ ବିଭିନ୍ନ ଧର୍ମାବଲମ୍ବୀଙ୍କ ପାଇଁ ଅଲଗା ଅଲଗା ଆଇନ ପ୍ରଚଳନ ହେଉଛି। ଫଳରେ କେତେଜଣ ନାଗରିକ ଦ୍ୱେତ ଆଇନ ଉପଭୋଗ କରୁଛନ୍ତି। ଗୋଟିଏ ଦେଶରେ ଏକାଧିକ ଆଇନ ପ୍ରଚଳନ ଯାହାକି ଭାରତୀୟ ସମ୍ବିଧାନର ଧାରା ୪୪କୁ ସ୍ପଷ୍ଟ ଅବମାନନା କରୁଛି। ଏଣ ଦେଶରେ ସବୁ ନାଗରିକମାନଙ୍କ ପାଇଁ ସମାନ ଆଇନ ପ୍ରଣୟନ କରିବାକୁ ଦାବି ହୋଇଛି। ଦେଶ ବର୍ତ୍ତମାନ ଜନସଂଖ୍ୟା ଜନିତ ସଙ୍କଟମୟ ପରିସ୍ଥିତି ମଧ୍ୟ ଦେଇ ଗତିକରୁଛି। ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସବୁ ନାଗରିକମାନଙ୍କ ୨ଟି ସନ୍ତାନ ଜନ୍ମ ଦେବା ବାଧ୍ୟତା ମୂଳକ କରି ଏକ କଠୋର ଓ ସଶକ୍ତ ଆଇନ ପ୍ରଣୟନ କରିବାକୁ ଦାବି ହୋଇଛି। ତୃତୀୟ ସନ୍ତାନ ଜନ୍ମଦାତାଙ୍କୁ ସରକାରୀ ଚାକିରୀ ଦିଆ ନ ଯିବା, ଚାକିରୀରେ ଥିବା ବ୍ୟକ୍ତି ତୃତୀୟ ପିଲା ଜନ୍ମ ଦେଲେ ଦମ୍ପତିଙ୍କୁ ସେବା ନିବୃତ୍ତ କରିବାର ବ୍ୟବସ୍ଥା, ତୃତୀୟ ସନ୍ତାନ ଜନ୍ମ ଦେଇଥିବା ବ୍ୟକ୍ତିଙ୍କୁ ରାଶନ ବ୍ୟବସ୍ଥା ବନ୍ଦ ସହିତ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ କରିବାକୁ ଆଇନ ପ୍ରଣୟନ ହେଉବୋଲି ଦାବି କରାଯାଇଛି। ତୃତୀୟ ସନ୍ତାନ ଜନ୍ମ ଦେଇଥିବା ଦମ୍ପତିଙ୍କୁ ପ୍ରାଦେଶିକସ୍ତରୀୟ ଯେକୌଣସି ନିର୍ବାଚନ ଲଢ଼ିବାରୁ ବଞ୍ଚିତ ସହ ଭୋଟ ଦେବା କ୍ଷମତା ରଦ୍ଦ, ଚତୁର୍ଥ ସନ୍ତାନ ଜନ୍ମ ଦେଲେ ସମ୍ପୃକ୍ତ ଦମ୍ପତିଙ୍କୁ ଜେଲ ଦଣ୍ଡର ବ୍ୟବସ୍ଥା ରହୁ ବୋଲି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜନସଂଖ୍ୟା ସମାଧାନ ଫଉଣ୍ଡେସନ କର୍ମକର୍ତ୍ତା ଜ୍ୟୋତିରଞ୍ଜନ କଂସ, କାଉନସିଲର ଏ. ସତୀଶ, ନଗର ସଭାପତି ଶ୍ରୀଧର ପାତ୍ର, ସନ୍ତୋଷ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।



ସଂଘ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି ।

